## ବିଜେପି ନେତାଙ୍କ ଦ୍ୱାରା ନାବାଳିକା ଦୁଷ୍କର୍ମ ଘଟଣା

# ସିବିଆଇ ତଦନ୍ତ ଦାବି କଲା ବିଜେଡି

- ଶାନ୍ତିପୂର୍ଣ୍ଣ ପଦଯାତ୍ରା ଓ ବିକ୍ଷୋଭ, ଦକ୍ଷିଣାଞ୍ଚଳ ଆଇଜିଙ୍କୁ ଦଳ ପକ୍ଷରୁ ଦିଆଗଲା ସ୍ମାରକପତ୍ର
- ବିକ୍ଷୋଭରେ ସାମିଲ ହେଲେ ରାଜ୍ୟସ୍ତରୀୟ ନେତୃବୃନ୍ଦ, ମହିଳା, ଯୁବ, ଛାତ୍ର ଓ ଛାମୁଆ ସଂଗଠନ



ବ୍ରହ୍ମପୁର,୨୬।୬(ସମିସ): ବ୍ରହ୍ମପୁରରେ ଜଣେ ବିଜେପି ନେତା ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗରେ ଗିରଫ ହେବା ଘଟଣାରେ ରାସ୍ତାକୁ ଓହ୍ଲାଇଛି ବିଜେଡି। ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁଙ୍କ ନେତୃତ୍ୱରେ ପୂର୍ବତନ ସାଂସଦ ଡା. ରାଜଶ୍ରୀ ମଲ୍ଲିକ ଓ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳାଇଙ୍କ ଉପସ୍ଥିତିରେ ଦଳ ପକ୍ଷରୁ ଦକ୍ଷିଣାଞ୍ଚଳ ଆଇଜି ନୀତି ଶେଖରଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଦଳୀୟ ନେତୃବୃନ୍ଦ ଏମ୍‌କେସିଜି ମେଡିକାଲ କଲେଜ ମୁଖ୍ୟଫାଟକରୁ ପଦଯାତ୍ରାରେ ବାହାରି ରାଜ୍ୟରେ ମହିଳାଙ୍କ ସୁରକ୍ଷା ଦାବି କରି ତଥା ବିଜେପି ସରକାରର ବିଫଳତାକୁ ନେଇ ସ୍ଲୋଗାନ ଦେଇଥିଲେ। ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗରେ ଗିରଫ ହୋଇଥିବା ନକଲି ଡାକ୍ତର ତଥା ଭାରତୀୟ ମଜଦୁର ସଂଘର ଗଞ୍ଜାମ ଜିଲ୍ଲା ସଭାପତି ଭବାନୀ ଶଙ୍କର ଦାସଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଥିଲା। ଗିରଫ ବିଜେପି ନେତା ଭବାନୀ ଶଙ୍କର ଦାସ କେନ୍ଦ୍ର ଶ୍ରମ ମନ୍ତ୍ରାଳୟ ଅଧିନରେ କାର୍ଯ୍ୟରତ ଥିବା ବେଳେ ଏହି ଘଟଣାକୁ ରାଜ୍ୟ ପୁଲିସ ନୁହେଁ ବରଂ ସିବିଆଇ ତଦନ୍ତ କରିବାକୁ ବିଜେଡି ପକ୍ଷରୁ ଦାବି କରାଯାଇଛି। ସେପଟେ ନାବାଳିକାଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗରେ ଭବାନୀଙ୍କୁ ସହଯୋଗ କରି ଗିରଫ ହୋଇଥିବା ବାଜପେୟୀ ଆରୋଗ୍ୟଧାମର ମହିଳା କର୍ମଚାରୀ ଓ ଅଙ୍ଗନବାଡ଼ି କର୍ମୀଙ୍କୁ ରିମାଣ୍ଡରେ ନେଇ ଅଧିକ ଜେରା କରାଗଲେ ଅନେକ ତଥ୍ୟ ମିଳିପାରିବ ବୋଲି ବିଜେଡି ଦାବି କରିଛି।

ନକଲି ଡାକ୍ତରର ପରିଚୟ ଦେଇ ଭବାନୀ ଦୀର୍ଘବର୍ଷ ଧରି ଚଳାଇ ଆସିଥିବା ଏହି କଳା କାରନାମା ପଛରେ ଆଉ କାହାରି କାହାରି ସମ୍ପୃକ୍ତି ରହିଛି ତାହାର ମଧ୍ୟ ଖୋଲତାଡ ହେବା ଜରୁରି ବୋଲି ଦାବି ହୋଇଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଛତ୍ରପୁରର ପୂର୍ବତନ ବିଧାୟକ ସୁବାଷ ଚନ୍ଦ୍ର ବେହେରା, ସୋରଡାର ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଆସିକା ଲୋକସଭା ସାଂସଦ ପ୍ରାର୍ôଥନୀ ରଂଜିତା ସାହୁ, ସାନଖେମୁଣ୍ଡି ବିଧାୟିକା ପ୍ରାର୍ଥୀ ସୁଲକ୍ଷଣା ଗୀତାଞ୍ଜଳି ଦେବୀ, ଜିଲ୍ଲା ବିଜେଡି ସଭାପତି ତଥା ବ୍ରହ୍ମପୁରର ପୂର୍ବତନ ବିଧାୟକ ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ବରିଷ୍ଠ ବିଜେଡି ନେତା ଅଜୟ ମହାରଣା, ପୂର୍ବତନ ବିଇଡିଏ ଅଧ୍ୟକ୍ଷ ସୁବାଷ ମହାରଣା, ଡେପୁଟି ମେୟର ଇ. ବିବେକ ରେଡ୍ଡୀ, କାର୍ଯ୍ୟକାରୀ ସଭାପତି ଦିଲେଶ୍ୱର ରେଡ଼ୀ, ଗଞ୍ଜାମ ଜିଲ୍ଲା ପରିଷଦର ଉପାଧ୍ୟକ୍ଷା ସିଏଚ ରାଜେଶ୍ୱରୀ ଦୋରା, ଉପସଭାପତି ଭୀମସେନ ଦଳାଇ, ଛାତ୍ର ସଭାପତି ପ୍ରଶାନ୍ତ ପଣ୍ଡା, ଜଗନ୍ନାଥ ସାବତଙ୍କ ସମେତ ବ୍ରହ୍ମପୁର ମହାନଗର ନିଗମ ବହୁ କର୍ପୋରେଟର ଓ ବିଜେଡି କର୍ମୀ ଉପସ୍ଥିତ ଥିଲେ।

## ଚତୁର୍ଦ୍ଧାମୂର୍ତ୍ତିଙ୍କ ନବଯୌବନ ଦର୍ଶନ



ବ୍ରହ୍ମପୁର,୨୬।୬(ସମିସ): ଗୁରୁବାର ଚତୁର୍ଦ୍ଧାମୂର୍ତ୍ତିଙ୍କ ନବଯୌବନ ଦର୍ଶନ ଓ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଛି। ଏହା ପରେ ଶ୍ରଦ୍ଧାଳୁଙ୍କ ଉଦ୍ଦେଶ୍ୟରେ ମହାପ୍ରଭୂ ଦର୍ଶନ ଦେଇଛନ୍ତି। ଏ ଅବସରରେ ଜଗନ୍ନାଥ ମନ୍ଦିର ମାନଙ୍କରେ ଭୋରରୁ ମଙ୍ଗଳ ଆଳତୀ ସହ ନୀତିକାନ୍ତିରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ହୋଇଛି। ସହରର ଗୋଷାଣୀନୂଆଗାଁ ଉତ୍ତରେଶ୍ୱର ମନ୍ଦିର ପରିସରରେ ଥିବା ଜଗନ୍ନାଥ ମନ୍ଦିର, ବିଜିପୁର ଜଗନ୍ନାଥ ମନ୍ଦିର, କୋର୍ଟପେଟା ସ୍ଥିତ ଜଗନ୍ନାଥ ମନ୍ଦିର, ଉତ୍କଳଆଶ୍ରମ ରୋଡ ସ୍ଥିତ ଜଗନ୍ନାଥ ମନ୍ଦିର, ଗୋଇଲୁଣ୍ଡି ସ୍ଥିତ ଜଗନ୍ନାଥ ମନ୍ଦିର, ପାତେଳେଶ୍ୱର ଜଗନ୍ନାଥ ମନ୍ଦିର, ବଡବଜାର ବଡଜଗନ୍ନାଥ ମନ୍ଦିର ଓ ସାନ ଜଗନ୍ନାଥ ମନ୍ଦିର, ତ୍ରିମୂର୍ତ୍ତି ଜଗନ୍ନାଥ ମନ୍ଦିର ସମେତ ଲାଞ୍ଜିପଲ୍ଲୀ ଓ ଖୋଡ଼ାସିଂ ଜଗନ୍ନାଥ ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ନବଯୌବନ ଦର୍ଶନ ନୀତି ସମ୍ପନ୍ନ ହୋଇଛି। ଶୁକ୍ରବାର ରଥଯାତ୍ରା ଥିବାରୁ ପ୍ରସ୍ତୁତିକୁ ଚୂଡ଼ାନ୍ତ ରୂପ ଦିଆଯାଇଛି। ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି।

- ଗାନ୍ଧୀନଗର ଛକରେ ବଢୁଛି ଦୁର୍ଘଟଣା

## ହମ୍ପସ୍ ନିର୍ମାଣ ପାଇଁ ଦାବି କଲେ କାହ୍ନୁ ପତି



ବ୍ରହ୍ମପୁର,୨୬।୬(ସମିସ): ବ୍ରହ୍ମପୁର ସହରର ଅନ୍ୟତମ ଜନଗହଳି ପୂର୍ଣ୍ଣ ସ୍ଥାନ ଗାନ୍ଧୀନଗର ଛକ। ପ୍ରତିଦିନ ହଜାର ହଜାର ଯାତ୍ରୀ ଓ ଗାଡ଼ି ଚାଳକ ଏହି ରାସ୍ତା ଦେଇ ଯାତାୟତ କରନ୍ତି। କିନ୍ତୁ ଏହି ପ୍ରମୁଖ ଛକ ଏବେ ମରଣଯନ୍ତା ପାଲଟିଛି। ପ୍ରତ୍ୟେକ ଦିନ ଏଠାରେ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ଏପରିକି ଏହି ଛକରେ ସକାଳ ଓ ସନ୍ଧ୍ୟା ସମୟରେ ବୁଲା ଗାଇଗୋରୁଙ୍କ ପ୍ରାଦୁର୍ଭାବ ବଢୁଛି। ଏହି ଇଲାକାରେ ବହୁ ବେସରକାରୀ ଶିକ୍ଷାନୁଷ୍ଠାନ ଗୁଡିକ ରହିଛି। ସ୍କୁଲ, କଲେଜ ଯିବା ପାଇଁ ଛାତ୍ରଛାତ୍ରୀ ମାନେ ଏହି ରାସ୍ତା ଉପରେ ନିର୍ଭର କରନ୍ତି। କିନ୍ତୁ ଗାଡ଼ି ତ ଦୂରର କଥା ଚାଲିକି ଯିବାକୁ ମଧ୍ୟ ସାଧାରଣ ଲୋକ ଏବଂ ଛାତ୍ରଛାତ୍ରୀ ଉଚିତ୍ ମନେ କରୁନାହାନ୍ତି। ତେଣୁ ତୁରନ୍ତ ମହାନଗର ନିଗମ ଏଥିପ୍ରତି ଦୃଷ୍ଟି ଦେଇ ଏହି ଛକରେ ହମ୍ପସ୍ ନିର୍ମାଣ କରିବାକୁ ବରିଷ୍ଠ ବିଜେପି ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି ଦାବି କରିଛନ୍ତି। ଫଳରେ ଛକରେ ଘଟୁଥିବା ଦୁର୍ଘଟଣା ହ୍ରାସ ପାଇବା ସହ ଦ୍ରୁତ ଗାଡ଼ି ଚାଳନା ଉପରେ ରୋକ୍ ଲଗାଯାଇ ପାରିବ ବୋଲି ଶ୍ରୀ ପତି କହିଛନ୍ତି।

## ପାର୍ଟଟାଇମ୍ ଚାକିରି ଲୋଭରେ ୩ ଲକ୍ଷ ହରାଇଲେ ମହିଳା

ବ୍ରହ୍ମପୁର,୨୬।୬(ସମିସ): ପାର୍ଟଟାଇମ ଚାକିରି କରିବା ଲୋଭରେ ନିମଖଣ୍ଡି ଥାନା ଅଞ୍ଚଳର ଜଣେ ମହିଳା ୩ଲକ୍ଷ ଟଙ୍କା ହରାଇଛନ୍ତି। ଠକେଇର ଶିକାର ହୋଇଥିବା ମହିଳା ଜଣକ ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ପ୍ରକାରେ, ଏହି ମହିଳା ଜଣକ ଅନ୍‌ଲାଇନ୍‌ରେ ଚାକିରି ପାଇଁ ଇନଷ୍ଟାଗ୍ରାମ୍‌ରେ ଏକ ଲିଙ୍କ ପାଇଥିଲେ। ଏଥିରେ କ୍ଲିକ କରିବା ପରେ ତାଙ୍କୁ ଏକ ଟେଲିଗ୍ରାମ ଚ୍ୟାନେଲରେ ଯୋଡ଼ି ହେବାକୁ ନିର୍ଦ୍ଦେଶ ମିଳିଥିଲା। ଉକ୍ତ ଟେଲିଗ୍ରାମ ଚ୍ୟାନେଲରେ ଯୋଡ଼ିହେବା ପରେ ସେହି ଗ୍ରୁପରେ ଥିବା ଆଡ୍‌ମିନମାନେ ତାଙ୍କୁ କିଛି ଭିଡିଓ ଲାଇକ୍ କରିବାକୁ କହିଥିଲେ। ଲାଇକ୍ କରିବା ପରେ ତାଙ୍କ ଆକାଉଣ୍ଟକୁ କିଛି କମିଶନ ଟଙ୍କା ମଧ୍ୟ ଆସିଥିଲା। ଆଡ୍‌ମିନମାନେ ମହିଳାଙ୍କୁ ଅନ୍‌ଲାଇନରେ ଟଙ୍କା ଇନଭେଷ୍ଟ କରି ମୋଟା ଅଙ୍କର କମିଶନ ହାତେଇବାକୁ ପ୍ରବର୍ତ୍ତାଇଥିଲେ। ମହିଳା ଜଣକ ପ୍ରଥମେ ଅଳ୍ପ କିଛି ଟଙ୍କା ନିବେଶ କରି କମିଶନ ପାଇବା ପରେ ପର୍ଯ୍ୟାୟକ୍ରମେ ୩ଲକ୍ଷ ଟଙ୍କା ଇନ୍‌ଭେଷ୍ଟ କରିଥିଲେ। ମୂଳଟଙ୍କା ଓ କମିଶନ ମିଶାଇ ୪ଲକ୍ଷରୁ ଅଧିକ ହୋଇଯାଇଥିଲା। ମାତ୍ର ଉଠାଣ କରିନପାରିବାରୁ ଗ୍ରୁପ୍‌ର ଆଡମିନଙ୍କ ସହ ଯୋଗାଯୋଗ କରିଥିଲେ। ସେମାନେ ଅଧିକ ଟଙ୍କା ଜମା କରିବାକୁ କହିଥିଲେ। କିନ୍ତୁ ମହିଳା ଜଣକ ନିଜ ଟଙ୍କା ଫେରସ୍ତ ପାଇଁ ବାରମ୍ବାର ଅନୁରୋଧ କରିବା ପରେ ଆଡ୍‌ମିନ୍‌ମାନେ ଉକ୍ତ ଗ୍ରୁପକୁ ବନ୍ଦ କରି ଦେଇଥିଲେ। ପରେ ବିଭିନ୍ନ ଆଡୁ ଯାଞ୍ଚ କରିବା ପରେ ସେ ସାଇବର ଠକେଇର ଶିକାର ହୋଇଥିବା ଜାଣି ସାଇବର ଥାନାର ଦ୍ୱାରସ୍ଥ ହୋଇଥିଲେ।

## ଖବରକାଗଜରେ ନନ୍ଦିଘୋଷ ରଥ ନିର୍ମାଣ



ବ୍ରହ୍ମପୁର,୨୬।୬(ସମିସ): ପୁରୁଣା ଖବରକାଗଜରେ ବାଲୁକା ଶିଳ୍ପୀ ସତ୍ୟ ନାରାୟଣ ମହାରଣା ନନ୍ଦିଘୋଷ ରଥ ନିର୍ମାଣ କରିଛନ୍ତି। ଏହାର ଉଚ୍ଚତା ୧୧ଇଞ୍ଚ ରହିଥିବା ବେଳେ ଓସାର ୭.୫ ଇଞ୍ଚ୍ ରହିଛି। ଏହାକୁ ନିର୍ମାଣ କରିବାକୁ ସତ୍ୟଙ୍କୁ ୩ଦିନ ସମୟ ଲାଗିଥିଲା। ଶିଳ୍ପୀ ସତ୍ୟ ନାରାୟଣ ପୂର୍ବରୁ ବେତରେ ମଧ୍ୟ ନନ୍ଦିଘୋଷ ରଥ ନିର୍ମାଣ କରିଥିଲେ। ଏହାର ଉଚ୍ଚତା ୩ ଇଞ୍ଚ୍ ଓସାର ୨ ଇଞ୍ଚ୍ ରହିଛି। ଏହାକୁ ନିର୍ମାଣ ନିମନ୍ତେ ୪ ଘଣ୍ଟା ସମୟ ଲାଗିଥିବା ସେ କହିଛନ୍ତି। ଏହି ରଥରେ ୪ଟି ଘୋଡ଼ା, ୨ଟି ଓଲଟା ଶୁଆ, ଦଧିନଉତି, ୧୬ଚକ, ପତିତପାବନ ବାନା, ସାରଥୀ, ମହାପ୍ରଭୁ ଜଗନ୍ନାଥ ରହିଛି।

## ମନିଷାଙ୍କ କଳାକୃତିରେ ଜଗନ୍ନାଥଙ୍କ ୧୬ବେଶ



ବ୍ରହ୍ମପୁର,୨୬।୬(ସମିସ): ପବିତ୍ର ରଥ ଯାତ୍ରାକୁ ଦୃଷ୍ଟିରେ ରଖି ଇଞ୍ଜିନିୟରିଂ ଛାତ୍ରୀ ମନିଷା ପଣ୍ଡା ଜଗନ୍ନାଥଙ୍କ ୧୬ ପ୍ରକାର ବେଶ ନିଜ କଳାରେ ତିଆରି କରିଛନ୍ତି। ସେ ଜଗନ୍ନାଥଙ୍କ ଅବକାଶ ବେଶ ସହ ବାଙ୍କଚୂଡ଼ା, ନାଗାର୍ଜୁନ, ଛଛେରି, ଗଜାନନ, ବଳି ବାମନ, ପଦ୍ମ, ତିବିକ୍ରମ୍, ନବାଙ୍କ, ଟାହିଆ ଲାଗି, ଲକ୍ଷ୍ମୀ ନୃସିଂହ, ଗିରି ଗୋବର୍ଦ୍ଧନ, ନବ ଯୌବନ, ଚନ୍ଦନ ଲାଗି, କାଳିଆ ଦଳନ ଏବଂ ସୁନାବେଶ ତଥା ରାଜରଜେଶ୍ୱର ବେଶ୍ କରିଛନ୍ତି। ମନିଷା କାର୍ଡବୋର୍ଡରେ କିଛି ପ୍ରାକୃତିକ ରଙ୍ଗ ତଥା ହଳଦୀ, ଚନ୍ଦନ ଏବଂ ସିନ୍ଦୂର ବ୍ୟବହାର କରି ଏପରି ଜଗନ୍ନାଥଙ୍କ କଳାକୃତି ପ୍ରସ୍ତୁତି କରି ପ୍ରଶଂସିତ ହୋଇଛନ୍ତି।

## ୨ ନାବାଳିକା ଭଉଣୀଙ୍କୁ ଅପହରଣ; ମହିଳାଙ୍କ ସମେତ ୩ ଗିରଫ

ବ୍ରହ୍ମପୁର,୨୬।୬(ସମିସ): ନୃତ୍ୟ ଦଳରେ ସାମିଲ ନାଁରେ ବ୍ରହ୍ମପୁରର ୨ନାବାଳିକା ଭଉଣୀଙ୍କୁ ଅପହରଣ ଅଭିଯୋଗ ପରେ ବୈଦ୍ୟନାଥପୁର ପୁଲିସ ପୁରୀ ଜିଆରପି ପୁଲିସ ସହାୟତାରେ ୨ନାବାଳିକାଙ୍କୁ ଉଦ୍ଧାର କରିଛି। ଏହି ଘଟଣାରେ ସଂପୃକ୍ତ ଥିବା ଜଣେ ମହିଳାଙ୍କ ସମେତ ୩ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ ଗୋଦାବରୀଶ ନଗର ସାଇବାବା ମନ୍ଦିର ନିକଟର ସ୍ମୃତି ବିଷୋୟୀ(୨୨), ବଡବଜାର ଥାନା ଅନ୍ତର୍ଗତ ଆଇନାବନ୍ଧ ସାହିର ଚିନ୍ମୟ ଦାସ ଓରଫ ଚିକୁ(୨୨) ଓ ଟୁଲୁ ମୂଳି ଓରଫ ଆର୍ଯ୍ୟାନ(୨୧)। ବୈଦ୍ୟନାଥପୁର ଥାନା ଅଞ୍ଚଳରେ ପରିବାର ସହ ରହୁଥିବା ୧୩ ଓ ୧୨ବର୍ଷ ବୟସର ୨ନାବାଳିକା ଭଉଣୀ ୨୧ତାରିଖରେ ଘରୁ ନିଖୋଜ ହୋଇ ଯାଇଥିଲେ। ପରିବାରରଅଭିଯୋଗ ପରେ ପୁଲିସ ତଦନ୍ତ କରି ତାଙ୍କୁ ପୁରୀ ରେଳଷ୍ଟେସନ ନିକଟରୁ ଜିଆରପି ପୁଲିସ ସହାୟତାରେ ଉଦ୍ଧାର କରିଥିଲା। ୩ଅଭିଯୁକ୍ତ ନାବାଳିକାଙ୍କୁ ନୃତ୍ୟ ଦଳରେ ସାମିଲ ବାହାନାରେ ଅପହରଣ କରିଥିବା ତଦନ୍ତରୁ ଜଣାପଡିଥିଲା। ନାବାଳିକାଙ୍କୁ ଉଦ୍ଧାର ପରେ ପୁଲିସ ସେମାନଙ୍କ ବୟାନ ରେକର୍ଡ କରିଥିଲା। ଉଭୟଙ୍କ ବୟାନ ଅନୁସାରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଜଣାପଡିଛି।

### ବ୍ରହ୍ମପୁରରେ ପୁଣି ଲଜ୍ଜା

## ନାବାଳିକାଙ୍କୁ ଅପହରଣ ଓ ଅସଦାଚରଣ ଅଭିଯୋଗ

- ଟାଉନ୍ ଥାନାରେ ମାମଲା ପରେ ଅଭିଯୁକ୍ତଙ୍କୁ ପୁଲିସ ଛାଡ଼ି ଦେଇଥିବା ଅଭିଯୋଗ
- ଉଦ୍‌ବେଗ ପ୍ରକାଶ କଲା ଜିଲ୍ଲା ବିଜେଡି; ଆଇଜିଙ୍କ ନିକଟରେ ଫେରାଦ
- ଚାପରେ ଘଟଣା ଚାପିଦେବାକୁ ଉଦ୍ୟମ କରୁଛି ପୁଲିସ, କାର୍ଯ୍ୟାନୁଷ୍ଠାନ ଲୋକଦେଖାଣିଆ: ମେୟର

ବ୍ରହ୍ମପୁର,୨୬।୬(ସମିସ): ବ୍ରହ୍ମପୁର ସହରରେ ପୁଣି ଲଜ୍ଜା। ଜଣେ ନାବାଳିକାଙ୍କୁ ତାଙ୍କ ଘରୁ ଉଠାଇ ନେଇ ଅସଦାଚରଣ ଅଭିଯୋଗ ହୋଇଛି। ଅବଶ୍ୟ ଏହି ଘଟଣା ଗତ ୩ତାରିଖର। ତେବେ ଅଭିଯୁକ୍ତ ଓ ତାଙ୍କ ପରିବାର ସଦସ୍ୟଙ୍କ ଧମକରେ ଭୟଭୀତ ହୋଇ ପୀଡ଼ିତ ପରିବାର ଅଭିଯୋଗ କରିନଥିଲେ। ଘଟଣାକୁ ନେଇ ଗତ ୧୫ତାରିଖରେ ଟାଉନ୍ ଥାନାରେ ପୀଡ଼ିତାଙ୍କ ପରିବାର ପକ୍ଷରୁ ଲିଖିତ ଅଭିଯୋଗ ପରେ ମାମଲା ରୁଜୁ ହୋଇଥିବା ଜଣାପଡିଛି।

ପ୍ରକାଶ ଯୋଗ୍ୟ ଯେ' ସ୍ଥାନୀୟ ମୋଟିସାହିର ଏଲ. ଅନୀଲ ନାମକ ଜଣେ ଯୁବକ ଅଭିଯୋଗକାରୀଙ୍କ ନାବାଳିକା ଝିଅକୁ ଦିନ ଦ୍ୱିପହରରେ ଘରୁ ଉଠାଇ ନେଇଥିଲା। ପରେ ନାବାଳିକା ଝିଅକୁ ଖରାପ ଆଚରଣ କରିଥିବା ତାଙ୍କ ମା' ଏତଲା ଦେଇଛନ୍ତି। ପରେ ଅପହୃତା ନାବାଳିକା ଝିଅକୁ ଫେରାଇ ଆଣିବାକୁ ଯାଇଥିବା ବେଳେ ଅପହର୍ତ୍ତାଙ୍କ ପରିବାରର ଅନ୍ୟ ସଦସ୍ୟମାନେ ଗାଳିଗୁଲଜ ଓ ଧମକଚମକ ସହ ଲୁହା ଛଡରେ ଆକ୍ରମଣ କରିବାକୁ ଆସିଥିଲେ। ଝିଅର ଜୀବନ ବିପଦରେ ଥିବା କାରଣରୁ କୁଳ ଲୋକଙ୍କ ସହିତ ଆଲୋଚନା କରି ସମସ୍ୟାର ସମାଧାନ ପାଇଁ ଚେଷ୍ଟା ଜନିତ ଏତଲା ଦେବାରେ ବିଳମ୍ବିତ ହୋଇଥିବା ଅଭିଯୋଗକାରିଣୀ ଦର୍ଶାଇଛନ୍ତି। ପରେ ଗତ ୧୫ତାରିଖରେ ବାଧ ହୋଇ ନ୍ୟାୟ ପାଇଁ ପୁଲିସର ଦ୍ୱାରସ୍ଥ ହୋଇଥିବା ନାବାଳିକାଙ୍କ ମାଆ ତଥା ଅଭିଯୋଗକାରିଣୀ ଉଲ୍ଲେଖ କରିବା ସହିତ ଝିଅକୁ ଓ ପରିବାର ବର୍ଗଙ୍କୁ ସୁରକ୍ଷା ପ୍ରଦାନ ସହିତ ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

ଟାଉନ ଥାନା ପୁଲିସ ପୋକ୍‌ସୋ ଆକ୍ଟରେ ଏକ ମାମଲା ରୁଜୁ କରି ଏସ୍‌ଆଇ ସୁଜାତା କହଁରଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଥିଲା। ଥାନା ଅଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁଙ୍କ ଅନୁପସ୍ଥିତିରେ ଭାରପ୍ରାପ୍ତ ଅଧିକାରୀ ବିଭୁତି ଭୂଷଣ ସେଠୀ ଏତଲା ଗ୍ରହଣ କରିଥିବା ଜଣାପଡିଛି। ତେବେ ଘଟଣାରେ ଯଦିଓ ପୁଲିସ ମାମଲା ରୁଜୁ କରିଛି ହେଲେ କୋହଳ ଦଫା ଲଗାଇ ଅପରାଧୀଙ୍କୁ ଛାଡି ଦେଇଥିବା ଭଳି ଗୁରୁତର ଅଭିଯୋଗ ହୋଇଛି। ପୁଲିସ ସରକାରୀ ଦଳର ଚାପରେ ରହି କୌଣସି କାର୍ଯ୍ୟ ସଠିକ ଭାବେ ତୁଲାଇପାରୁନଥିବା ଅଭିଯୋଗ ହୋଇଛି। ଘଟଣାକୁ ନେଇ ଗୁରୁବାର ଗଞ୍ଜାମ ଜିଲ୍ଲା ବିଜେଡି ପକ୍ଷରୁ ରାଜ୍ୟ ନେତୃବୃନ୍ଦଙ୍କ ଉପସ୍ଥିତିରେ ଦକ୍ଷିଣାଞ୍ଚଳ ଆଇଜି ନିତି ଶେଖରଙ୍କ ନିକଟରେ ଅଭିଯୋଗ କରାଯାଇଥିବା କହିଛନ୍ତି ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ। ଘଟଣାକୁ ପୁଲିସ ଗୁରୁତ୍ୱର ସହିତ ନନେଇ ଏପରିକି ପୀଡ଼ିତା ଓ ଅଭିଯୁକ୍ତଙ୍କର ଡାକ୍ତରୀ ମାଇନା ନକରି ଅଭିଯୁକ୍ତକୁ ତରବରିଆ ଭାବେ ଛାଡିଦେବା କେତେଦୂର ଯଥାର୍ଥ ବୋଲି ସେ ପାଲଟା ପ୍ରଶ୍ନ କରିଛନ୍ତି। ଘଟଣାକୁ ତୀବ୍ର ନିନ୍ଦା କରିବା ସହିତ ଏହାକୁ ନେଇ ଦଳ ଉଦ୍‌ବେଗ ପ୍ରକାଶ କରିଛି।

- ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ, ଆର୍‌ସିଏମ୍ ହଷ୍ଟେଲ୍ ବନ୍ଦ ନିଷ୍ପତ୍ତିକୁ ବିରୋଧ

## ମୁଖ୍ୟ ଗେଟ୍‌ରେ ତାଲା ପକାଇ ଛାତ୍ରଛାତ୍ରୀଙ୍କ ଧାରଣା



ବ୍ରହ୍ମପୁର,୨୬।୬(ସମିସ): ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ଆରସିଏମ ହଷ୍ଟେଲ ବନ୍ଦ ନିଷ୍ପତ୍ତିକୁ ଛାତ୍ରଛାତ୍ରୀ ବିରୋଧ କରିଛନ୍ତି। ଏନେଇ ବିଶ୍ୱବିଦ୍ୟାଳୟର ଗେଟ ସମ୍ମୁଖରେ ପ୍ରତିବାଦ କରିଛନ୍ତି। ହଷ୍ଟେଲ ପ୍ରଦାନ ସହ ବିଭିନ୍ନ କୋର୍ସ ବନ୍ଦ ଓ ଶିକ୍ଷକ ଅଭାବକୁ ନେଇ ଛାତ୍ରଛାତ୍ରୀ ମୁଖ୍ୟ ଗେଟ୍‌ରେ ତାଲା ପକାଇ ପ୍ରତିବାଦ କରିଛନ୍ତି। ଏଭଳି ପ୍ରାୟ ୨ଘଣ୍ଟା ପ୍ରତିବାଦ ପରେ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ, ପିଜି କାଉନସିଲ ଅଧ୍ୟକ୍ଷ ଡ଼ା. ସନୋଜ ପଟ୍ଟନାୟକ ଓ କୁଳସଚିବ ପାର୍ବତୀ ମଞ୍ଜରୀ ମହାଳିକ ଛାତ୍ରଛାତ୍ରୀଙ୍କୁ ବୁଝାସୁଝା କରିଥିଲେ।

ଆରସିଏମ ହଷ୍ଟେଲରେ ରହୁଥିବା ୫୦ରୁ ଅଧିକ ଛାତ୍ରଙ୍କୁ ବିଶ୍ୱବିଦ୍ୟାଳୟର ଅନ୍ୟ ହଷ୍ଟେଲ ଯୋଗାଇ ଦେବାକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେବା ପରେ ଧାରଣାରୁ ଛାତ୍ରଛାତ୍ରୀ ଉଠିଥିଲେ। ଦକ୍ଷିଣ ଓଡ଼ିଶାର ସର୍ବପୁରାତନ ଶିକ୍ଷାନୁଷ୍ଠାନ ମଧ୍ୟରୁ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଅନ୍ୟତମ। ବିଶ୍ୱବିଦ୍ୟାଳୟ ଆରସିଏମ ହଷ୍ଟେଲକୁ କର୍ତ୍ତୃପକ୍ଷ ଅସୁରକ୍ଷିତ ଘୋଷଣା କରିବା ସହ ଏହାକୁ ଭାଙ୍ଗିବାକୁ ନିଷ୍ପତି ନେଇଥିଲା। ତେଣୁ ଉକ୍ତ ହଷ୍ଟେଲରେ ରହିଥିବା ଛାତ୍ରଙ୍କୁ ଚଳିତ ମାସ ୩୦ତାରିଖ ସୁଦ୍ଧା ହଷ୍ଟେଲ ଖାଲି କରିବାକୁ କୁହାଯାଇଥିଲା। ଯାହାକୁ ନେଇ ଛାତ୍ରମାନେ ବିରୋଧ କରିଥିଲେ।

## ଛାତ୍ରୀ, ଶିଶୁ ଓ ମହିଳାଙ୍କ ସୁରକ୍ଷା ଦାବିରେ ବିକ୍ଷୋଭ

ବ୍ରହ୍ମପୁର,୨୬।୬(ସମିସ): ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଏଆଇଡିଏସ୍‌ଓ ଗଞ୍ଜାମ ଜିଲ୍ଲା କମିଟି ପକ୍ଷରୁ ବିକ୍ଷୋଭ ପଦର୍ଶନ କରାଯାଇଛି। ଗୋପାଳପୁର ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରେ ଛାତ୍ରୀ, ଶିଶୁ, ମହିଳାମାନଙ୍କ ଉପରେ ହେଉଥିବା କ୍ରମବର୍ଦ୍ଧିତ ଦୁଷ୍କର୍ମ, ଗଣଦୁଷ୍କର୍ମ ବିରୁଦ୍ଧରେ, ଦୋଷୀମାନଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ ପାଇଁ



ଦାବି କରାଯାଇଛି। ଏହାସହିତ ଛାତ୍ରୀ, ମହିଳାମାନଙ୍କ ନିରାପତ୍ତା ଓ ଅଶ୍ଳୀଳତା, ଅପସଂସ୍କୃତି, ମଦମାଦକ ଦ୍ରବ୍ୟର ପ୍ରଚାର ପ୍ରସାର ବନ୍ଦ କରିବାକୁ କମିଟି ପକ୍ଷରୁ ଦାବି କରାଯାଇଛି। ବିକ୍ଷୋଭ ପ୍ରଦର୍ଶନ ବେଳେ ଏଆଇଡିଏସ୍‌ଓ ଗଞ୍ଜାମ ଜିଲ୍ଲା ସଭାପତି ନିମାଇଁ ଚରଣ ସାହୁ, ସମ୍ପାଦକ ନାରାୟଣ ସାହୁ, ଉପସଭାପତି ପପୁନ୍ ସାହୁ, କୋଷାଧ୍ୟକ୍ଷ କିସାନ୍ କୁମାର ସାହୁ ଜିଲ୍ଲା କମିଟି ସଭ୍ୟ କାମରାଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

- ଡ୍ରେନ୍‌ରେ ପଡ଼ି ମହେନ୍ଦ୍ରଙ୍କ ମୃତ୍ୟୁ ଘଟଣା

## ଚାରି ବିଭାଗ ମଧ୍ୟରେ ଦୋଷ ଲଦାଲଦି

ବ୍ରହ୍ମପୁର,୨୬।୬(ସମିସ): ବୁଧବାର ହୋଇଥିବା ଲଗାଣ ବର୍ଷାରେ ବ୍ରହ୍ମପୁର ସହରର ଅନେକ ଅଞ୍ଚଳ ଜଳମଗ୍ନ ହୋଇଥିଲା। ଏଭଳି ପରିସ୍ଥିତିରେ ଏମକେସିଜି ମେଡିକାଲ କ୍ୟାମ୍ପସରୁ ଭାବିନିପୁର ଯିବା ରାସ୍ତା କଡରେ ଥିବା ନାଳରେ ପଡି ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିଲା। ମୃତକ ଜଣକ ଖାରବେଳନଗର ପ୍ରଥମ ଲାଇନର ମହେନ୍ଦ୍ର ପାଣିଗ୍ରାହୀ। ୨୦୨୪ମସିହାରେ ନାଳରେ ଭାସି ମୃତ ନାବାଳକ ସାଇରାମଙ୍କ ପରିବାରକୁ ଉଭୟ ବିଇଏମସି ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଲକ୍ଷାଧିକ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯାଇଥିଲା। ତେବେ ବର୍ତ୍ତମାନ ନାଳରେ ଭାସି ମୃତ୍ୟୁବରଣ କରିଥିବା ମହେନ୍ଦ୍ର ପାଣିଗ୍ରାହୀଙ୍କୁ ସରକାରୀ ଭାବେ ଆର୍ଥିକ ସହାୟତା ମିଳିବ କି ନାହିଁ ତାକୁ ନେଇ ଉଠିଛି ପ୍ରଶ୍ନ। କାରଣ, ଯେଉଁ ଡ୍ରେନରେ ପଡି ମହେନ୍ଦ୍ରଙ୍କ ମୃତ୍ୟୁ ଘଟିଛି ତାହା କେଉଁ ବିଭାଗ ଅଧିନରେ ଆସୁଛି ତାକୁ ନେଇ ସୃଷ୍ଟି ହୋଇଛି ଦ୍ୱନ୍ଦ୍ୱ। ମେଡିକାଲ କଲେଜ ଖେଳପଡିଆ ତଥା ଏମକେସିଜି କ୍ୟାମ୍ପସ ପରିସରରେ ଥିବା ଏହି ନାଳକୁ ନେଇ ପୂର୍ତ୍ତବିଭାଗ, ବିଇଏମସି, ଏମକେସିଜି ଓ ଡ୍ରେନେଜ ବିଭାଗ ମଧ୍ୟରେ ଯଦିଓ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି ହେଲେ ଡ୍ରେନେଜ ବିଭାଗ ଓ ଏମ୍‌କେସିଜି ଏହା ସେମାନଙ୍କ ଅଧିନସ୍ଥ ନଥିବା ସ୍ୱଷ୍ଟ କରି ଦେଇଛନ୍ତି। ବର୍ତ୍ତମାନ ପରିସ୍ଥିତିରେ ତଥା ଗତ ବୁଧବାରର ଘଟଣା ପରେ ପୂର୍ତ୍ତବିଭାଗ ପକ୍ଷରୁ ଉକ୍ତ ରାସ୍ତାକଡରେ ତଥା ନାଳ ଉପରେ ବାଉଁଶର ଅସ୍ଥାୟୀ ସୁରକ୍ଷା ବାଡ ନିର୍ମାଣ କରାଯାଇଥିଲେ ହେଁ ଏହି ନାଳ ପୂର୍ତ୍ତବିଭାଗ ଅଧିନରେ ଆସୁନଥିବା ବିଭାଗ ପକ୍ଷରୁ କୁହାଯାଇଛି। ଏଭଳି ପରିସ୍ଥିତିରେ ବିଇଏମସି ଉପରେ ସମସ୍ତେ ଦୋଷ ଲଦିବାକୁ ଚେଷ୍ଟା କରୁଥିବା ବେଳେ ଉକ୍ତ ନାଳର କେବେ ହେଲେ ମଧ୍ୟ ବିଇଏମସି ପକ୍ଷରୁ ରକ୍ଷଣାବେକ୍ଷଣ କରାଯାଇନଥିବା କହିଛନ୍ତି ମେୟର ସଂଘମିତ୍ରା ଦଳେଇ।

### ଖୋଲୁଛି ବଳାତ୍କାରୀ ବିଜେପି ନେତାଙ୍କ ଗୁମର

## 'କୌଶଳ ଭାରତ, କୁଶଳ ଭାରତ' ହୋର୍ଡିଂ ଲଗାଇ ଚାଲିଥିଲା ଯୌନ ବ୍ୟଭିଚାର

- ଚାଲିଥିଲା 'ବାଜପେୟୀ ଦକ୍ଷତା ବିକାଶ ମହାବିଦ୍ୟାଳୟ'
- ବିଶ୍ୱ ହିନ୍ଦୁ ପରିଷଦ, ବିଜେପି ଓ ଭାରତୀୟ ମଜଦୁର୍ ସଂଘକୁ କରିଥିଲେ କି ଢାଲ?

ବ୍ରହ୍ମପୁର,୨୬।୬(ସମିସ): ମାଗଣାରେ ରହିବା ସହିତ ବିଏସ୍‌ସି ନର୍ସିଂ ଡିଗ୍ରୀ କରାଇଦେବାର ପ୍ରତିଶ୍ରୁତି ଦେଇ ଜଣେ ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗରେ ଗିରଫ ହୋଇଥିବା ବିଜେପି ନେତା ତଥା ଭାରତୀୟ ମଜଦୂର ସଂଘର ଗଞ୍ଜାମ ଜିଲ୍ଲା ସଭାପତି ଭବାନୀ ଶଙ୍କର ଦାସଙ୍କ କଳା କାରନାମାର ପେଡ଼ି ଖୋଲିବାରେ ଲାଗିଛି। ନିଜକୁ ଜଣେ ଡାକ୍ତର ଦର୍ଶାଇ 'ବାଜପେୟୀ ଆରୋଗ୍ୟଧାମ' ନାମରେ ଏକ ନର୍ସିଂ ହୋମ ଚଳାଇ ଆସୁଥିଲା ଭବାନୀ। ତେବେ ଭବାନୀ ଜଣେ ନକଲି ଡାକ୍ତର ବୋଲି ସ୍ପଷ୍ଟ କରିଛନ୍ତି ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ। ଦୀର୍ଘବର୍ଷ ଧରି ଯଦିଓ ଭବାନୀ ଓ ତାଙ୍କଦ୍ୱାରା ପରିଚାଳିତ କ୍ଲିନିକ ସମ୍ପର୍କରେ ଅଭିଯୋଗ ହେଉଥିଲେ ମଧ୍ୟ ଚଢ଼ଉ କରିବାକୁ କେହି ସାହାସ କରୁନଥିଲେ। ବିଜେପି ଭଳି ଜାତୀୟ ଦଳର ଜଣେ ଜିଲ୍ଲାସ୍ତରୀୟ ନେତା ହୋଇଥିବା ବେଳେ ବିଶ୍ୱହିନ୍ଦୁ ପରିଷଦର ଜଣେ ପୁରୁଣା ନେତା ବୋଲି ସେ ସବୁଠି ପରିଚୟ ଦେଇ ଆସୁଥିଲା। ସେପଟେ କେନ୍ଦ୍ର ସରକାରଙ୍କ ଶ୍ରମ ବିଭାଗର ଉପଦେଷ୍ଟା କମିଟିର ଜଣେ ସଦସ୍ୟ ସହିତ ଭାରତୀୟ ମଜଦୂର ସଂଘର ଗଞ୍ଜାମ ଜିଲ୍ଲା ସଭାପତି ଦାୟିତ୍ୱରେ ରହିଛନ୍ତି। ଏସବୁର ଫାଇଦା ନେଇ ଭବାନୀ ବିଭିନ୍ନ ପ୍ରକାର ଅନୈତିକ କାର୍ଯ୍ୟକଳାପରେ ଲିପ୍ତ ଥିବା ପୂର୍ବରୁ ଅଭିଯୋଗ ହେଉଥିଲା। ତେବେ ବର୍ତ୍ତମାନ ଜଣେ ନାବାଳିକାଙ୍କୁ ଯୌନ ନିର୍ଯାତନା ଦେବା ଭଳି ଘଟଣାରେ ଭବାନୀ ଗିରଫ ହେବା ପରେ ସବୁସ୍ତରରୁ ତଥା ସବୁ ଦିଗକୁ ନେଇ ପୁଲିସର ତଦନ୍ତ ଚାଲିଛି।




ଭବାନୀଙ୍କ ଦ୍ୱାରା ପରିଚାଳିତ ବାଜପେୟୀ ଆରୋଗ୍ୟଧାମ ଯାହାକୁ ଘଟଣା ଦିନ ପୁଲିସ ସିଲ କରିଛି ତାହା ଜିଲ୍ଲା ସ୍ୱାସ୍ଥ୍ୟବିଭାଗ ଦ୍ୱାରା ପଞ୍ଜିକୃତ ନଥିବା ଜଣାପଡିଛି। ସେହିଭଳି ଉକ୍ତ ଆପାର୍ଟମେଣ୍ଟରେ ଭବାନୀଙ୍କ ଦ୍ୱାରା ଚାଲିଥିବା ବାଜପେୟୀ ସ୍କିଲ ଡେଭଲପମେଣ୍ଟ କଲେଜ ଯାହା କେନ୍ଦ୍ର ସରକାରଙ୍କ 'କୌଶଳ ଭାରତ କୁଶଳ ଭାରତ' ଅଧିନସ୍ଥ ତଥା ମେଧାବୀ ସ୍କିଲ ୟୁନିଭରସିଟିର ଟ୍ରେନିଂ ପାର୍ଟନର ବୋଲି ଉଲ୍ଲେଖ ରହିଥିବା ଦେଖିବାକୁ ମିଳିଛି। ଏହି ଶିକ୍ଷାନୁଷ୍ଠାନ ପ୍ରକୃତରେ ପଞ୍ଜିକୃତ କି ନାହିଁ? କାହା ଦ୍ୱାରା ଅନୁବନ୍ଧିତ କି ନୁହେଁ? ତାହା ମଧ୍ୟ ସ୍ୱଷ୍ଟ ହୋଇନାହିଁ। ବୈଦ୍ୟନାଥପୁର ଥାନା ଠାରୁ ମାତ୍ର ୫ଶହ ମିଟର ଦୂରରେ ଥିବା ଏକ ଆପାର୍ଟମେଣ୍ଟରେ ଏଭଳି ସଂସ୍ଥା ଖୋଲି ନକଲି ଡାକ୍ତର ଭବାନୀ ଦୀର୍ଘବର୍ଷ ଧରି କଳା କାରନାମା ଚଳାଇ ଆସୁଥିବାବେଳେ ହେଲେ କାହା ନଜରରେ ନପଡ଼ିବା ସମସ୍ତଙ୍କୁ ଚକିତ କରିଛି। ନିଜର ଦିର୍ଘ ବର୍ଷର କଳା କାରନାମା ପଛରେ ଭବାନୀ ବିଜେପି. ବିଶ୍ୱହିନ୍ଦୁ ପରିଷଦ ଓ ଭାରତୀୟ ମଜଦୂର ସଂଘକୁ ଢାଲ ଭଳି ବ୍ୟବହାର କରୁଥିଲେ କି ଏବଂ ଏଥିରେ ଆଉ କାହାରି ସମ୍ପୃକ୍ତି ଅଛି କି ନାହିଁ ସେନେଇ ବିଧିବଦ୍ଧ ତଦନ୍ତ କରିବାକୁ ବିଜେଡି ପକ୍ଷରୁ ଦାବି କରାଯାଇଛି।

● ବିଭିନ୍ନ ସ୍ଥାନରେ ଶ୍ରୀଜୀଉଙ୍କ ନେତ୍ରୋତ୍ସବ


ଧରାକୋଟ


ଶେରଗଡ଼


ବୁହୁଡ଼ା


ଦିଗପହଣ୍ଡି

### ଗଞ୍ଜାମରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା



ଛତ୍ରପୁର,୨୬ ।୬(ସମିସ): ଗଞ୍ଜାମ ଜିଲ୍ଲାରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଛି । ଏହା ବିରୁଦ୍ଧରେ ବାମ, ଗଣତାନ୍ତ୍ରିକ ରାଜନୈତିକ ଦଳ ତରଫରୁ ଗୁରୁବାର ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଛି । ଏଥିସହ ଅପରାଧୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯିବା ସହ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଅତିରିକ୍ତ ଜିଲ୍ଲାପାଳ ଡ଼ଃ ପ୍ରମୋଦ କୁମାର ପୃଷ୍ଟିଙ୍କୁ ପ୍ରଦାନ କରାଯାଇଛି ।

ବିଜେପି ସରକାର ଆସିଲା ଦିନ ଠାରୁ ରାଜ୍ୟରେ ଅରାଜକତା ସହ ଗଞ୍ଜାମ ଜିଲ୍ଲାରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇ ପଡିଛି । ପ୍ରଶାସନ ଓ ରାଜ୍ୟ ସରକାର ତୁରନ୍ତ ଏହା ଉପରେ ହସ୍ତକ୍ଷେପ କରି ଗଞ୍ଜାମ ଜିଲ୍ଲାରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ନିମନ୍ତେ ଦାବି କରିଛନ୍ତି ପୂର୍ବତନ ବିଧାୟକ ଏନ. ନାରାୟଣ ରେଡୀ, ଏନେଇ ଆସନ୍ତା ଜୁଲାଇ ୧ ଆରଡିସି ଅଫିସ ଆଗରେ ଗଣବିକ୍ଷୋଭ କରାଯିବ ବୋଲି ମଧ୍ୟ ସେ କହିଥିଲେ ।

ସୂଚନାଥାଉ କି,ଗୋପାଳପୁର ଠାରେ କଲେଜ୍ ଛାତ୍ରୀକୁ ଗଣଦୁଷ୍କର୍ମ ବିଷୟ ଓଡ଼ିଶାର ଭାବମୂର୍ତ୍ତିକୁ କ୍ଷୁର୍ଣ୍ଣ କରିବା ସହ ଜାତୀୟ ସ୍ତରରେ ଓଡ଼ିଶାର ସମ୍ମାନ ହାନୀ ଘଟିଛି । ଏହିପରି ଜଘନ୍ୟ କାଣ୍ଡ ଘଟିବା ସହ ଗଞ୍ଜାମ ଜିଲ୍ଲାରେ ହତ୍ୟା, ରାହାଜାନି ପ୍ରଭୃତି ଘଟିବାରେ ଲାଗିଛି । ଗତ ଜୁନ୍ ୨୨ ତାରିଖରେ ଧରାକୋଟ ବ୍ଲକ୍‌ର ଖାରିଗୁମ୍ମା ଓ ତା' ପରେ ଜାହାଡ଼ା ଠାରେ ଗୋ ରକ୍ଷକ ନାମରେ ଦଳିତ ସମ୍ପ୍ରଦାୟର ବାବୁଲା ନାୟକ ଓ ବୁଲୁ ନାୟକଙ୍କୁ ଯେଉଁଭଳି ନିର୍ଯ୍ୟାତନା ଦିଆଗଲା ଏହା ଜିଲ୍ଲା ସମେତ ରାଜ୍ୟରେ ଆଇନଶୃଙ୍ଖଳାକୁ ଦୋହଲାଇ ଦେଇଛି । ଗଣଧାରଣାରେ ଉତ୍କଳ ମହିଳା ସମିତି ରାଜ୍ୟ ଉପସଭାନେତ୍ରୀ ଏନ. ଭାନୁମତି ରେଡୀ ସଭାପତିତ୍ୱ କରିଥିବା ବେଳେ ସିପିଆଇ ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ ତଥା ପୂର୍ବତନ ବିଧାୟକ ଏନ. ନାରାୟଣ ରେଡୀ, ଜିଲ୍ଲା ପ୍ରକାଶ ପାତ୍ର, ସହ ସମ୍ପାଦକ ନୀଳକଣ୍ଠ ଦାଶ, ଯୁବ ସଂଘର ଜାତୀୟ ସମ୍ପାଦକ ପ୍ରଦୀପ ସେଠୀ, ସିପିଆଇଏମଏଲ (ନ୍ୟୁ ଡେମକ୍ରେସି) ରାଜ୍ୟ ନେତା ଭାଲ ଚନ୍ଦ୍ର ଷଡ଼ଙ୍ଗୀ, ସିପିଆଇ ଏମ ଜିଲ୍ଲା ନେତା ରାମଚନ୍ଦ୍ର ନାୟକ, ଆପ ଜିଲ୍ଲା ସଭାପତି ସୁବାଷ ରାଉତ, ଜିଲ୍ଲା ସମ୍ପାଦକ ଆଦିତ୍ୟ ରଥ, ଛତ୍ରପୁର ବ୍ଲକ ଅଧ୍ୟକ୍ଷାଙ୍କ ସ୍ୱାମୀ ତଥା ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ମୁନା ଦାସ, ସିପିଆଇ ଜିଲ୍ଲା ନେତା ସିଏଚ. ଜନାର୍ଦ୍ଦନ ରେଡୀ, ଚମାଖଣ୍ଡି ଜୋନାଲ ସମ୍ପାଦକ ଏନ. ଗିରିଜା ପ୍ରସାଦ ରେଡୀ, ଗୁରୁନାଥ ପ୍ରଧାନ, ପୂର୍ବତନ ସରପଞ୍ଚ ସୀମାଞ୍ଚଳ ସାହୁ ଓ ଦୁର୍ଯ୍ୟୋଧନ ପରିଡା, ପଦ୍ମଚରଣ ପ୍ରଧାନ, ଏସ. କ୍ରିଷ୍ଣା ରେଡୀ, ଆଦିତ୍ୟ ମିଶ୍ର, ଏନ. ସୁକାନ୍ତ ଆଚରି, ଶିକନ୍ଦର ଖାନ, ଏନ. ମୁନାପାତ୍ର, ସନିଆ ପ୍ରଧାନ, ନୀଳକଣ୍ଠ ରେଡୀଙ୍କ ବିଭିନ୍ନ ରାଜନୈତିକ ଦଳ ନେତା ଏବଂ କର୍ମୀ ମାନେ ଉପସ୍ଥିତ ଥିଲେ ।

## ଧରାପଡ଼ିଲା ଧରାକୋଟ କଙ୍ଗାରୁକୋର୍ଟ ମୁଖ୍ୟ ଅଭିଯୁକ୍ତ

### ଗିରଫ ସଂଖ୍ୟା ୧୨କୁ ବୃଦ୍ଧି

ଧରାକୋଟ,୨୬ ।୬(ସମିସ): ଗଞ୍ଜାମ ଜିଲ୍ଲା ଧରାକୋଟ ଥାନା ଅନ୍ତର୍ଗତ ଖାରିଗୁମା ଗ୍ରାମରେ ଗତ ରବିବାର ଅପରାହ୍ନରେ ସିଙ୍ଗିପୁର ଗ୍ରାମର ବାବୁଲା ନାୟକ ଓ ବୁଲୁ ନାୟକଙ୍କୁ କେତେକ ବ୍ୟକ୍ତି ଗୋଚାଲାଣ ନେଇ ନିର୍ଯାତନା ଦେଇଥିଲେ ।

ପ୍ରକାଶଯୋଗ୍ୟ, ଏହି ଘଟଣାରେ ଧରାକୋଟ ପୁଲିସ ଏକ ମାମଲା ରୁଜୁ କରି ୮ ଜଣ ବ୍ୟକ୍ତିଙ୍କୁ ଗତ ମଙ୍ଗଳବାର ଗିରଫ କରି କୋର୍ଟଚାଲାଣ କରିଥିଲା । ଘଟଣାରେ ସମ୍ପୃକ୍ତ ନାବାଳକ ଜଣକୁ ଛତ୍ରପୁର ବାଳ ସୁଧାର ଗୃହକୁ ପଠାଯାଇଛି । ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଜାହାଡ଼ା ଗ୍ରାମର ରାଜେଶ ସାମଲ ଓରଫ ରାଜା, ବେଠୁଆର ଗ୍ରାମର ମଣ୍ଟୁ ବିଷୋୟୀ, ଜାହାଡ଼ା ଗ୍ରାମର ପ୍ରଭାକର ବେହେରାକୁ ଗୁରୁବାର ଗିରଫ କରି କୋର୍ଟଚାଲାଣ କରାଯାଇଥିବା ବେଳେ ଦୁଇରୁ ତିନି ଜଣ ଏବେ ମଧ୍ୟ ଫେରାର ରହିଥିବା ଏହି ଘଟଣାର ତଦନ୍ତକାରୀ ଅଧିକାରି ଆସିକା ଉପଖଣ୍ଡ ପୁଲିସ ଅଧିକାରୀ ସନ୍ତୋଷ କୁମାର ଜେନା ସୂଚନା ଦେଇଛନ୍ତି ।

● ଧରାକୋଟ କଙ୍ଗାରୁକୋର୍ଟ ଘଟଣା

## ମାନବାଧିକାର ପରିଷଦ ଅଧକ୍ଷା ଏସପିଙ୍କୁ ଭେଟିଲେ

ଛତ୍ରପୁର,୨୬ ।୬(ସମିସ): ଗଞ୍ଜାମ ଜିଲ୍ଲା ଧରାକୋଟ ଅଞ୍ଚଳର ଦୁଇଜଣ ଦଳିତ ବ୍ୟକ୍ତିଙ୍କୁ ଗୋରକ୍ଷକର ପରିଚୟ ଦେଇ ନିର୍ଯାତନା ଘଟଣାକୁ ତୀବ୍ର ନିନ୍ଦା କରିଛି ରାଜ୍ୟ ମାନବାଧିକାର ପରିଷଦ । ଏନେଇ ପରିଷଦର ଅଧକ୍ଷା ସସ୍ମିତା ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଗଞ୍ଜାମ ଏସପି ଓ ଅତିରିକ୍ତ ଏସପିଙ୍କୁ ସାକ୍ଷାତ କରି ଘଟଣା ସମ୍ପର୍କରେ ଆଲୋଚନା କରିବା ସହ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଦାବିପତ୍ର ଦେବାବେଳେ ମାନବାଧିକାର ପରିଷଦର ଗଞ୍ଜାମ ଜିଲ୍ଲା ସଭାପତି ଲକ୍ଷ୍ମଣ ମହାରଣା, କାର୍ଯ୍ୟକାରୀ ସଭାପତି ମନୋଜ ପଣ୍ଡା, ଜିଲା ମହିଳା ସଭାନେତ୍ରୀ ସୁମିତ୍ରା ମହାରଣା, ଜିଲ୍ଲା ମହିଳା ଉପସଭାନେତ୍ରୀ ଜ୍ୟୋସ୍ନାରାଣୀ ଦାସ, ଜିଲା ସମ୍ପାଦକ ଏସ, ସନ୍ତୋଷ ରେଡ୍ଡୀ ଉପସ୍ଥିତ ଥିଲେ ।



● ୭୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ

## ବନ୍ଧାହେଲେ ବ୍ୟାଙ୍କ କିରାଣି

ଦିଗପହଣ୍ଡି,୨୬ ।୬(ସମିସ): ଦିଗପହଣ୍ଡି ବସଷ୍ଟାଣ୍ଡରେ ଥିବା ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆ ଶାଖାର ଜଣେ କାର୍ଯ୍ୟରତ କିରାଣି ଗ୍ରାହକଙ୍କ ଜମାଖାତାରୁ ୭୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହଡପ କରିଥିବା ଅଭିଯୋଗ ହୋଇଛି । ବ୍ୟାଙ୍କର ଦିଗପହଣ୍ଡି ଶାଖା ପରିଚାଳକ ପି. ପ୍ରଦୀପ କୁମାର ଦିଗପହଣ୍ଡି ଥାନାରେ ଏତଲା ଦେବା ପରେ ଦିଗପହଣ୍ଡି ଥାନା କେଶ୍ ନମ୍ବର ୨୩୨/୨୫ ପ୍ରକାରେ ମାମଲା ରୁଜୁ ହୋଇ ପୁଲିସ ୟୁନିଅନ ବ୍ୟାଙ୍କର କାର୍ଯ୍ୟରତ କିରାଣିଙ୍କୁ ଗୁରୁବାର ଗିରଫ କରି କୋର୍ଟଚାଲାଣ କରିଛି । ଅଭିଯୁକ୍ତ ଜଣକ ହେଲେ ଦିଗପହଣ୍ଡି ଅଞ୍ଚଳ କଲୋନୀ କୋର୍ଟ ସାହି ବାସିନ୍ଦା ତଥା ବର୍ତ୍ତମାନ ଗୋପାଳପୁର ଥାନା ଆମ୍ବପୁଆ ବସନ୍ତ ବିହାର ଚତୁର୍ଥ ଲେନରେ ଏସ. ପ୍ରିୟମ୍ ପ୍ରଥମ ସାବତ । ପୁଲିସ ସୂଚନା ପ୍ରକାରେ ଅଭିଯୁକ୍ତ ପ୍ରିୟମ୍ ପ୍ରଥମ ଗତ ଜୁଲାଇ ୨୦୨୪ରେ ଏହି ବ୍ୟାଙ୍କରେ ଯୋଗ ଦେବା ପରେ ତାଙ୍କୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା । ଅଭିଯୁକ୍ତ ନିଜ ପଦବୀର ଦୁରୁପଯୋଗ କରି ଗ୍ରାହକଙ୍କ ଜମା ଟଙ୍କାରୁ ବିଭିନ୍ନ ସନ୍ଦିଗ୍ଧ ଜମାଖାତାକୁ ଟଙ୍କା ପଠାଇ ପ୍ରାୟ ୭୦ ଲକ୍ଷ ଟଙ୍କା ହଡପ କରିଥିବା ପୁଲିସକୁ ପ୍ରମାଣ ମିଳିଛି । ଗତ ପ୍ରାୟ ୧୫ ଦିନ ପୂର୍ବେ ଦିଗପହଣ୍ଡି ବ୍ଲକ ବାଗଡ଼ା ଗାଁର ଏ.ପ୍ରକାଶ ପାତ୍ରଙ୍କ ଜମାଖାତାରୁ କିରାଣି ଜଣକ ୨ଟି ପର୍ଯ୍ୟାୟରେ ୧ ଲକ୍ଷ ୭୦ ହଜାର ଉଠାଣ କରି ଆତ୍ମସାତ କରିବା ପ୍ରଚାରିତ ହେବା ପରେ ବହୁ ସଂଖ୍ୟକ ଜମାକାରୀ ବ୍ୟାଙ୍କରେ ପହଞ୍ଚି ସେମାନଙ୍କ ଜମାରାଶି ଉଠାଇ ନେଇଛନ୍ତି ।

## ଆକ୍ରମଣ ଅଭିଯୁକ୍ତଙ୍କୁ ୩ବର୍ଷ ଜେଲ୍

ଶେରଗଡ,୨୬ ।୬(ସମିସ): ଦୁଇ ଜଣ ବ୍ୟକ୍ତିଙ୍କୁ ଗାଳିଗୁଲଜ ଓ ଆକ୍ରମଣ କରିଥିବା ଅଭିଯୁକ୍ତଙ୍କୁ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ୩ ବର୍ଷ ଜେଲ ଦଣ୍ଡ ଶୁଣାଇବା ସହ ଉଭୟଙ୍କୁ ୨ ହଜାର ଏବଂ ୧୦ ହଜାର ଟଙ୍କା ଲେଖାଏଁ ଜରିମାନା କରିଛନ୍ତି । ଜରିମାନା ଅନାଦାୟ ଜଣଙ୍କୁ ୧୫ ଦିନ କାରାଦଣ୍ଡ ଏବଂ ଅନ୍ୟ ଜଣଙ୍କୁ ଅତିରିକ୍ତ ୮ ମାସ କାରାଦଣ୍ଡ ନେଇ ଗୁରୁବାର ରାୟ ପ୍ରକାଶ କରିଛନ୍ତି । ଗତ ୧୬ ଡିସେମ୍ବର ୨୦୨୨ରେ ଶେରଗଡ ଥାନା କୃଷ୍ଣଛାଇ ପଞ୍ଚାୟତ ଅଣ୍ଡିରାସିଂହ ଗ୍ରାମର ରଘୁ ବେହେରା ଓ ଶତ୍ରୁଘ୍ନ ଜମିକୁ କାଠ ଧରି ଯାଉଥିବା ସମୟରେ ଅଭିଯୁକ୍ତମାନେ ନିଜ ଘର ଆଗରେ ଉଭୟଙ୍କୁ ଅଟକାଇ ଗାଳି କରିବା ସହିତ ଅଭିଯୁକ୍ତ ଦୀପକ ଶତ୍ରୁଘ୍ନଙ୍କୁ ଠେଙ୍ଗାରେ ଆକ୍ରମଣ କରିଥିଲେ । ଫଳରେ ଶତ୍ରୁଘ୍ନ ଗୁରୁତର ହୋଇଥିଲେ । ଏନେଇ ଶେରଗଡ ଥାନାରେ ମାମଲା ରୁଜୁ ହୋଇଥିଲା । ଏଏସଆଇ କୃଷ୍ଣ ଚନ୍ଦ୍ର ଦାସ ତଦନ୍ତ କରିଥିଲେ । ୧୧ ଜଣଙ୍କ ସାକ୍ଷୀ ଓ ପ୍ରମାଣକୁ ଆଧାର କରି ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ କାଳିଆ ନାହାକ ଓ ଦୀପକ ନାହାକଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି । ବିଚାରପତି ଶ୍ରୀକାନ୍ତ କୁମାର ପାଢୀ ଅଭିଯୁକ୍ତ ଦୀପକଙ୍କୁ ଉପରୋକ୍ତ ଦଣ୍ଡରେ ଦଣ୍ଡିତ କରି ରାୟ ପ୍ରକାଶ କରିଛନ୍ତି । ଏହାସହ ଆଇନ ସେବା ପ୍ରାଧିକରଣ ପକ୍ଷରୁ ପୀଡ଼ିତଙ୍କୁ ଆର୍ଥିକ କ୍ଷତିପୂରଣ ଦେବା ଲାଗି ରାୟ ଶୁଣାଇଛନ୍ତି । କାଳିଆ ନାହାକଙ୍କୁ ଚେତାବନୀ ଦେବା ସହ ପୀଡିତଙ୍କୁ ୨ ହଜାର ଟଙ୍କା କ୍ଷତିପୂରଣ ଦେବା ଲାଗି ଆଦେଶ ଦେଇଛନ୍ତି । ସରକାରଙ୍କ ତରଫରୁ କ୍ୟାଡର ଏପିପି ସରୋଜ କୁମାର ମଲ୍ଲିକ ମାମଲାର ପରିଚାଳନା କରୁଥିଲେ ।

## ଗୋଖାଦ୍ୟ ଗୋଦାମ ଭାଙ୍ଗିଲେ ହାତୀପଲ



ଭଞ୍ଜନଗର,୨୬ ।୬(ସମିସ): ଭଞ୍ଜନଗର ଥାନା ଅନ୍ତର୍ଗତ ଦଦରାଲୁଣ୍ଡା ରାସ୍ତାରେ ଏକ ଗୋଖାଦ୍ୟ ଗୋଦାମ ଘର ଭାଙ୍ଗିଲେ ହାତୀ ପଲ । ହାତୀ ପଲ ଏହାର କାନ୍ଥ ଭାଙ୍ଗି ଭିତରୁ ଗୋଖାଦ୍ୟ ବସ୍ତା ସବୁ ଟାଣି ଆଣି ଖାଇବା ସହ ନଷ୍ଟ କରିଦେଇଛନ୍ତି । ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତିଙ୍କ ସୂଚନା ପ୍ରକାରେ ଏହି ବନଖଣ୍ଡର ମୁଜାଗଡ ବନାଞ୍ଚଳ ଅନ୍ତର୍ଗତ ଦଦରାଲୁଣ୍ଡା ରାସ୍ତାରେ ଥିବା ଗୋଖାଦ୍ୟ ଗୋଦାମ ଭିତରେ ପଶି ମଙ୍ଗଳବାର ବିଳମ୍ବିତ ରାତିରେ ହାତୀ ପଲ କାନ୍ଥ ଭାଙ୍ଗିବା ସହ ଗୋଖାଦ୍ୟକୁ ଭିତରୁ ଟାଣି ନେଇ ଖାଇଛନ୍ତି । ମୁଜାଗଡ ବନାଞ୍ଚଳ ଅଧିକାରୀ ବିମ୍ବାଧର ସାହୁ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି । ତେବେ କ୍ଷୟକ୍ଷତି ଆକଳନ କରାଯାଇ ଏହାର ରିପୋର୍ଟ ଦାଖଲ ପରେ ବିଭାଗ ପକ୍ଷରୁ ଆବଶ୍ୟକୀୟ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି କହିଛନ୍ତି ।

## ମୃତକଙ୍କ ଚକ୍ଷୁଦାନ କଲେ ପରିବାରବର୍ଗ

ଗଞ୍ଜାମ,୨୬ ।୬(ସମିସ): ବିଦ୍ୟୁତ ଆଘାତରେ ମୃତ ମହିଳା ଆର. ଦମୟନ୍ତୀ ରେଡ଼ିଙ୍କ ଚକ୍ଷୁଦାନ କରିଛନ୍ତି ପରିବାର ବର୍ଗ । ଛତ୍ରପୁର ମେଡ଼ିକାଲରେ ଡାକ୍ତର ମହିଳାଙ୍କୁ ମୃତ ଘୋଷଣା କଲାପରେ ମହିଳାଙ୍କ ନାତି ଡି. ଲଛମନ ରେଡି ଆଈଙ୍କ ଆଖି ଦାନ କରିବାକୁ ଇଛା କରିଥିଲେ । ଫଳରେ ବ୍ରହ୍ମପୁର ଏମ୍‌କେସିଜି ମେଡ଼ିକାଲ ଚକ୍ଷୁ ବିଭାଗ ପକ୍ଷରୁ ଛତ୍ରପୁର ମେଡ଼ିକାଲରେ ଚକ୍ଷୁ ସଂଗ୍ରହ କରାଯାଇଥିଲା । ସୂଚନା ଥାଉକି ଗତ ଦୁଇଦିନ ତଳେ ଗଞ୍ଜାମ ଏନଏସି ଅନ୍ତର୍ଗତ ଦାମୋଦରପୁର ଗାଁରେ ବିଦ୍ୟୁତ ଆଘାତରେ ଦମୟନ୍ତୀଙ୍କ ମୃତ୍ୟୁ ଘଟିଥିବା ବେଳେ ସ୍ୱାମୀ ଓ ଦୁଇ ଝିଅ ଆହାତ ହୋଇଥିଲେ । ମୃତକ ମହିଳାଙ୍କ ସ୍ୱାମୀ ଆର. ନାରାୟଣ ରେଡି, ଦୁଇ ଝିଅ ବାସନ୍ତି ରେଡି ଓ ଶକ୍ତିମୟୀ ରେଡି ଆହତ ହୋଇଥିଲେ ।


















# ପୁଲିସ୍ କବ୍‌ଜାରେ ଆନ୍ତଃଜିଲ୍ଲା ବାଇକ୍ ଚୋରି ରାକେଟ୍

## ୯ ଦାମୀ ବାଇକ୍ ଉଦ୍ଧାର; ୪ ଗିରଫ

ଫୁଲବାଣୀ,୨୬।୬(ସମିସ)



ଏକ ଆନ୍ତଃଜିଲ୍ଲା ବାଇକ ଚୋରି ରାକେଟର ପର୍ଦ୍ଦାଫାସ କରିଛି ଫୁଲବାଣୀ ଟାଉନ ଥାନା ପୁଲିସ। ୯ ଦାମୀ ବାଇକ ଜବତ କରାଯିବା ସହିତ ୪ ଜଣଙ୍କୁ ଗିରଫ କରାଯାଇଛି। ଏଥିରେ ଜଣେ ନାବାଳକ ସମ୍ପୃକ୍ତ ଥିବା ବେଳେ ସେ ରାକେଟର ରିଙ୍ଗ ମାଷ୍ଟର ବୋଲି କହିଛି ପୁଲିସ। ଗିରଫମାନେ ହେଲେ ଟିକାବାଲି ଥାନା ବସ୍ତିଙ୍ଗିଆର ଦିଲୀପ କହଁର, ବାହାଡାପଦରର ବିକାଶ କହଁର, କଟିମାହାର ରୁଦ୍ର ମାଧବ ବର୍ଗର୍ତ୍ତି ଓ ସଦର ଥାନା ତାଳପଡାର ଚନ୍ଦନ ଦିଗାଲ।

ସୂଚନା ଅନୁଯାୟୀ, ଗତ ୧୮ ତାରିଖରେ ଟାଉନ ଥାନା ଜିରିଙ୍ଗପଡା ଅଞ୍ଚଳର ସ୍ୱର୍ଣ୍ଣ ବେହେରା ତାଙ୍କ ବାଇକ ଚୋରି ହୋଇଥିବା ନେଇ ଥାନାରେ ଏତଲା କରିଥିଲେ। ପୁଲିସ ଏକ ମାଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ବିଭିନ୍ନ ସ୍ଥାନରୁ ତଥ୍ୟ ସଂଗ୍ରହ ଏବଂ ଯାଞ୍ଚ ପରେ ଦିଲୀପ ଏବଂ ରୁଦ୍ରଙ୍କୁ ଅଟକ ରଖିଥିଲା ପୁଲିସ। ସେମାନଙ୍କୁ ପଚରାଉଚରା ପରେ ଏହା ପଛରେ ଏକ ରାକେଟ କାମ କରୁଥିବା ଜଣାପଡିଥିଲା।

ମିଳିଥିବା ସୂଚନା ଆଧାରରେ ବିଭିନ୍ନ ସ୍ଥାନରେ ଚଢ଼ଉ କରି ପୁଲିସ ୯ ଚୋରା ବାଇକ ଜବତ କରିବା ସହିତ ଏଥିରେ ସମ୍ପୃକ୍ତ ଜଣେ ନାବାଳକକୁ ଧରିବା ସହ ଅନ୍ୟମାନଙ୍କୁ ଗିରଫ କରିଥିଲା। ଏହି ବାଇକ ଗୁଡିକ ଫୁଲବାଣୀ ସହିତ ଗଞ୍ଜାମ, ଖୋର୍ଦ୍ଧା ଓ ଭୁବନେଶ୍ୱରରୁ ଚୋରି କରାଯାଇଥିବା ପୁଲିସ କହିଛି। ସମ୍ପୃକ୍ତ ନାବାଳକ ଏହି ରାକେଟର ମାଷ୍ଟରମାଇଣ୍ଡ ଏବଂ ତାଙ୍କ ନାମରେ ପୂର୍ବରୁ ଭୁବନେଶ୍ୱରର ମୈତ୍ରୀ ବିହାର, ଚନ୍ଦ୍ରଶେଖରପୁର, ଇନ୍‌ଫୋସିଟି, ଲକ୍ଷ୍ମୀସାଗର ଓ ଖାରବେଳ ନଗର ଥାନାରେ ଅଭିଯୋଗ ରହିଥିବା ସ୍ଥାନୀୟ ଟାଉନ ଥାନାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ଅତିରିକ୍ତ ଏସ୍‌ପି ବିଭୂତି ଭୂଷଣ ମହାପାତ୍ର। ଗିରଫ ମାନେ ଏହାଛଡା ଅନେକ ବାଇକ ଚୋରିରେ ସମ୍ପୃକ୍ତ ଥିବା ଏବଂ ଏ ସମସ୍ତ ବାଇକ ଜବତ କରିବା ପାଇଁ ପୁଲିସ ପ୍ରୟାସ ଜାରି ରଖିଥିବା ସୂଚନା ଦେଇଛନ୍ତି ଅତିରିକ୍ତ ଏସ୍‌ପି। ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଟାଉନ୍ ଥାନା ଅଧିକାରୀ ପି.ସ୍ୱରୂପ କିଶନ ଉପସ୍ଥିତ ଥିଲେ।

## ୪ ଚୋରା ବାଇକ୍ ଜବତ; ଜଣେ ଗିରଫ

ଫିରିଙ୍ଗିଆ,୨୬।୬(ସମିସ): ଫିରିଙ୍ଗିଆ ପୁଲିସ ଜଣେ କୁଖ୍ୟାତ ବାଇକ୍ ଚୋରକୁ ଧରି ତା' ଠାରୁ ୪ ଚୋରା ବାଇକ୍ ଜବତ କରିଛି। ବାଇକ ଚୋରକୁ କୋର୍ଟ ଚାଲାଣ କରିଛି ପୁଲିସ। ଫିରିଙ୍ଗିଆ ଥାନାରେ ବାଇକ ଚୋରି ନେଇ ମାମଲା ରୁଜୁ ହୋଇଥିଲା। ତଦନ୍ତ କରି ଚୋରି କରିଥିବା ବ୍ୟକ୍ତି ଓ ଚୋରି ବାଇକକୁ ଜବତ କରିଥିବା ବେଳେ ସମ୍ପୃକ୍ତ ବାଇକ ଚୋର ନାମରେ ଜିଲ୍ଲା ଓ ଜିଲ୍ଲା ବାହାରେ ଏକାଧିକ ମାମଲା ଥିବା ପୁଲିସ ତଦନ୍ତରୁ ଜଣାପଡିଛି। ବାଇକ ଚୋର ଜଣକ ନୟାଗଡ ଜିଲ୍ଲା ଇଟାମାଟି ଥାନା ନାଗପୁର ଗାଁର କ୍ରିଷ୍ଣା ଦାସ।

# ଗୁଣାତ୍ମକ ପ୍ରମାଣପତ୍ର ବିକ୍ରେତା ଆନ୍ଦୋଳନ ଅଭିଯାନ

ଛତ୍ରପୁର,୨୬।୬(ସମିସ): ଓଡିଶା ସରକାରଙ୍କ ଅଣୁ ,କ୍ଷୁଦ୍ର ଏବଂ ମଧ୍ୟମ (ଏମ୍‌ଏସ୍‌ଏମ୍‌ଇ) ବିଭାଗ ଦ୍ୱାରା ଗଞ୍ଜାମ ଜିଲ୍ଲାପାଳଙ୍କ ସଦ୍‌ଭାବନା ଗୃହରେ ଗୁଣାତ୍ମକ ପ୍ରମାଣପତ୍ର ଉପରେ ବିକ୍ରେତା ଆନ୍ଦୋଳନ ଅଭିଯାନ ସଫଳତାର ସହ ସମାପ୍ତ ହୋଇଛି। ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଦିବ୍ୟଜ୍ୟୋତି ପରିଡା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ତାଙ୍କ ବକ୍ତବ୍ୟରେ ଜଣାଇଥିଲେ ଯେ, ସେ ଏମ୍‌ଏସ୍‌ଏମ୍‌ଇ ଗୁଡ଼ିକର କାର୍ଯ୍ୟକ୍ଷମ ମାନଦଣ୍ଡ ଏବଂ ବଜାର ପ୍ରସ୍ତୁତିକୁ ଉନ୍ନତ କରିବାରେ ଗୁଣାତ୍ମକ ପ୍ରମାଣପତ୍ରର ଗୁରୁତ୍ୱ ଭୂମିକା ଉପରେ ଆଲୋକପାତ କରିଥିଲେ। ଭାରତୀୟ ଗୁଣାତ୍ମକ ପରିଷଦ ଏବଂ ଜାତୀୟ ଉତ୍ପାଦକତା ପରିଷଦ (ଏନପିସି)ର ବିଷୟ ବିଶେଷଜ୍ଞମାନେ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ଅଧିବେଶନ ଗୁଡିକର ନେତୃତ୍ୱ ନେଇଥିଲେ। କର୍ମଶାଳାର ଏକ କେନ୍ଦ୍ର ବିନ୍ଦୁ ଥିଲା ଶୂନ୍ୟ ତ୍ରୁଟି, ଶୂନ୍ୟ ପ୍ରଭାବ ପ୍ରମାଣପତ୍ର, ଯାହା ସର୍ବନିମ୍ନ ପରିବେଶଗତ ପ୍ରଭାବ ସହିତ ଉନ୍ନତ ଗୁଣବତ୍ତା ଉତ୍ପାଦ ଉତ୍ପାଦନକୁ ପ୍ରୋତ୍ସାହିତ କରେ। ବୈଷୟିକ ଅଧିବେଶନ ଗୁଡିକ ଏହି ପ୍ରମାଣ ପତ୍ର ଗୁଡିକର ଲାଭ ବିଷୟରେ ଗଭୀର ବୁଝାମଣା ପ୍ରଦାନ କରିଥିଲେ , ବିଶେଷ କରି ସେମାନଙ୍କର ପରିବେଶଗତ ସୁବିଧା ପ୍ରତି ଧ୍ୟାନ ଦିଆଯାଇଥିଲା।

# ତହସିଲଦାରଙ୍କୁ ମଠ ପରିଚାଳନା ଦାୟିତ୍ୱ

● ମଠ ପରିସର ସ୍ୱଚ୍ଛ ରଖିବା ଉପରେ ଗୁରୁତ୍ୱ

ଶେରଗଡ,୨୬।୬(ସମିସ): କେଉଁ ଆବାହମାନ କାଳରୁ ଶେରଗଡ ସହର ମଧ୍ୟ ଭାଗରେ ବିଜେ ଶ୍ରୀ ଲକ୍ଷ୍ମୀ ନାରାୟଣ ମହାପ୍ରଭୁଙ୍କ ମଠ ରହିଛି। ଏହି ମଠର ମହନ୍ତ ଭାବେ ଗୋବର୍ଦ୍ଧନ ଦାସ ମହାରାଜ ଜୀ ନିଜ ଦାୟିତ୍ୱ ସୂଚାରୁରୂପେ ତୁଲାଇ ୧୯୯୦ ମସିହାରେ ଦେହତ୍ୟାଗ କରିଥିଲେ। ଏହାପରେ ମଠ ପରିଚାଳନା ଲାଗି ୧୯୯୧ ମସିହାରେ ବର୍ତ୍ତମାନର ମହନ୍ତ ଦାୟିତ୍ୱରେ ଥିବା କୌଶଳ କିଶୋର ଦାସଙ୍କ ନେତୃତ୍ୱରେ ଏକ କମିଟି ଗଠନ କରାଯାଇଥିଲା। ଏହି କମିଟି ୧୯୯୧ ଠାରୁ ୨୦୦୫ ପର୍ଯ୍ୟନ୍ତ ମଠର କାର୍ଯ୍ୟଭାର ତୁଲାଇଥିଲେ। କୌଣସି କାରଣବଶତଃ ଏହି କମିଟିକୁ ରଦ୍ଦ କରାଯାଇ ଏକ ନୂତନ କମିଟି ଗଠନ କରାଯାଇଥିଲା ଏବଂ ଏହି କମିଟି ୨୦୦୯ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ। ଏହା ମଧ୍ୟରେ କୌଶଳ କିଶୋର ଦାସ ଏହି କମିଟିର ବିପକ୍ଷରେ କୋର୍ଟର ଆଶ୍ରୟ ନେଇଥିଲେ ଏବଂ କୋର୍ଟ ୨୦୦୯ ମସିହାରେ କମିଟିକୁ ରଦ୍ଦ କରି କୌଶଳ କିଶୋର ଦାସଙ୍କୁ ମଠର ଦାୟିତ୍ୱ ଅର୍ପଣ କରିଥିଲେ। ଦୀର୍ଘ ପ୍ରାୟ ୧୬ ବର୍ଷ ମଠର ପରିଚାଳନା ଭାର କୌଶଳ କିଶୋର ଦାସଙ୍କ ହାତରେ ରହିବା ପରେ ଗ୍ରାମବାସୀଙ୍କ ଅଭିଯୋଗ କ୍ରମେ ଏବଂ ଦେବୋତ୍ତର ବିଭାଗ କମିଶନରଙ୍କ ନିର୍ଦ୍ଦେଶ ପ୍ରକାରେ ସ୍ଥାନୀୟ ତହସିଲଦାରଙ୍କୁ ମଠର ପରିଚାଳନା ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଗତ ୧୩ ଜୁନ୍ ୨୦୨୫ରେ ତହସିଲଦାର ତ୍ରିଦେବ ରଥ ମହନ୍ତ କୌଶଳ କିଶୋର ଦାସଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ। ଦାୟିତ୍ୱ ଗ୍ରହଣ କରିବା ପରଠାରୁ ମଠର ପରିସ୍ଥିତିକୁ ସଜାଡ଼ିବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ବୁଧବାର ମନ୍ଦିର ପରିସରରେ ମାଡ଼ି ରହିଥିବା ଲଟାବୁଦା, ଘାସକୁ ତହସିଲ ଅଫିସର ନାଜିର ଉମା ଚରଣ ବେହେରା, କର୍ମଚାରୀ ଗନ୍ତା ନାହାକଙ୍କ ସହ ତହସିଲ କାର୍ଯ୍ୟାଳୟର ଅନ୍ୟ କର୍ମଚାରୀମାନେ ମିଶି ମଠ ପରିସରକୁ ସଫା କରିଥିବା ଦେଖିବାକୁ ମିଳିଛି।

# ପଦାସାହିରେ ହାତୀ ଉପଦ୍ରବ; ଭାଙ୍ଗିଲେ ଘର

ଜି.ଉଦୟଗିରି,୨୬।୬(ସମିସ): କିଛିଦିନ ପରେ ପୁଣି ଜି. ଉଦୟଗିରି ସହର ଉପକଣ୍ଠ ପଦାସାହିରେ ହାତୀ ଉପଦ୍ରବ ଦେଖିବାକୁ ମିଳିଛି। ତିନୋଟି ଦନ୍ତା ରାତି ୧୨ରେ ମିଖେଲ ପ୍ରଧାନଙ୍କ ଘର ଭାଙ୍ଗି ଭିତରେ ପଶି ଧାନ ଚାଉଳ ଖାଇବା ସହିତ ଆସବାବପତ୍ର ନଷ୍ଟ କରିଛନ୍ତି। ମିଖେଲଙ୍କ ପରିବାରର ଦୁଇଜଣ ଜୀବନ ବିକଳରେ ବାରିପଟେ ପଳାଇଯିବାରୁ ବର୍ତ୍ତି ଯାଇଥିଲେ। ପଦାସାହି ସହିତ ଆଖପାଖ ଅଞ୍ଚଳରେ ଲୋକେ ଭୟଭୀତ ହୋଇପଡିଛନ୍ତି। ବନ ବିଭାଗ କର୍ମଚାରୀ ପହଞ୍ଚି କ୍ଷୟକ୍ଷତି ଆକଳନ କରିବା ସହିତ କିପରି ପକ୍କା ଘର ମିଳିବ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି କହିଛନ୍ତି। ଗୁରୁବାର ଅପରାହ୍ନରେ ପାଜିମାହା, ଶ୍ରୀରାମ ମନ୍ଦିର ଆଦି ଅଞ୍ଚଳରେ ଦୁଇ ହାତୀ ବୁଲୁଥିବା ଲୋକେ ଦେଖିଛନ୍ତି। ଜି. ଉଦୟଗିରି , କଳିଗାଁ, ରାଇପଦା, ନନ୍ଦଗିରି, ପିତାକାମାହା, ପାଜିମାହା ଅଞ୍ଚଳରେ ଏବେ ଯାତାୟାତ କରିବା ସହିତ ଦୀର୍ଘମାସ ହେଲା ରହିଛନ୍ତି। ଏହି ରାସ୍ତା ଦେଇ ଯାତାୟାତ ସମୟରେ ଲୋକେ ହଠାତ ହାତୀ ହାବୁଡ଼ରେ ପଡି ହନ୍ତସନ୍ତ ହେଉଥିବା ଜଣାପଡ଼ିଛି। ନିୟମିତ ହାତୀ ଯାତାୟାତ ସ୍ଥାନଗୁଡିକରେ ହାତୀ ଚଲାପଥ ସୂଚନା ଫଳକ ଲଗାଇବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଛାତ୍ରଙ୍କୁ ମଦ୍ୟପ ପିଅନଙ୍କ ମାଡ଼

# ତାତିଲେ ଅଭିଭାବକ; ଘେରିଲେ ବିଦ୍ୟାଳୟ

● ପ୍ରଧାନ ଶିକ୍ଷକଙ୍କ ବଦଳି ଦାବି
● ପ୍ରତିକ୍ରିୟା ଦେଲେନି ଡବ୍ଲୁଇଓ

ମୋହନା,୨୬।୬(ସମିସ): ଉତ୍ତମ ଶିକ୍ଷା ପ୍ରଦାନ ପାଇଁ ସରକାର ବିଦ୍ୟାଳୟକୁ ଦଣ୍ଡମୁକ୍ତ ଅଞ୍ଚଳ ଘୋଷଣା କରାଯାଉଛି। କିନ୍ତୁ କର୍ତ୍ତୃପକ୍ଷଙ୍କ ଅବହେଳା ପାଇଁ ବିଭିନ୍ନ ସ୍ଥାନରେ ବିଦ୍ୟାଳୟର ଶୈକ୍ଷିକ ବାତାବରଣ ବିଗିଡ଼ି ଯାଉଛି। ଗଜପତି ଜିଲ୍ଲା ମୋହନା ବ୍ଲକ କର୍ଚ୍ଚବାଡ଼ି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ଛାତ୍ରଙ୍କୁ ସେହି ବିଦ୍ୟାଳୟର ପିଅନ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଗୁରୁବାର ସକାଳ ସାଢେ ୯ଟା ବେଳେ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଆସିଥିଲେ। ବିଦ୍ୟାଳୟ ଭିତରେ ଛାତ୍ରଛାତ୍ରୀ ଖେଳୁଥିବା ବେଳେ ପିଅନ ବୃନ୍ଦାବନ ମଳିକ ନିଶାସକ୍ତ ଅବସ୍ଥାରେ ବାଡ଼ି ଧରି ପିଲାଙ୍କୁ ମାଡ଼ ମାରିଥିଲେ। ଏଥିରେ ଜଣେ ପ୍ରଥମ ଶ୍ରେଣୀ ଛାତ୍ର ଆହତ ହେବା ସହ ତାଙ୍କ ହାତ ଓ ଶରୀରର ବିଭିନ୍ନ ସ୍ଥାନରେ ଦାଗ ପଡିଯାଇଥିବା ଦେଖିବାକୁ ମିଳିଛି। ସେତେବେଳେ ପ୍ରଧାନ ଶିକ୍ଷକ କିମ୍ବା କୌଣସି ଶିକ୍ଷକ/ ଶିକ୍ଷୟିତ୍ରୀ କେହି ବିଦ୍ୟାଳୟକୁ ଆସିନଥିଲେ। ଏନେଇ



ଅଭିଭାବକ ଜାଣିବା ପରେ ଉତ୍ତ୍ୟକ୍ତ ହୋଇ ବିଦ୍ୟାଳୟରେ ପହଞ୍ଚି ହୋହାଲ୍ଲା କରିବା ସହ ସମ୍ପୃକ୍ତ ପିଅନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ପିଅନ ସବୁବେଳେ ନିଶାସକ୍ତ ଅବସ୍ଥାରେ ରହୁଥିବା ଅଭିଭାବକ ଅଭିଯୋଗ କରିଛନ୍ତି। ଏଥିସହ ଏହି ବିଦ୍ୟାଳୟରେ ହଷ୍ଟେଲ ଥିବା ସତ୍ତ୍ୱେ କୌଣସି ଶିକ୍ଷକ ଏଠାରେ ରହୁ ନଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ମିଶ୍ର ନିୟମିତ ବିଳମ୍ବରେ ବିଦ୍ୟାଳୟକୁ ଆସୁଥିବା ବେଳେ ବିଦ୍ୟାଳୟର ରକ୍ଷଣାବେକ୍ଷଣ ଏବଂ ପରିଚାଳନା ନିମନ୍ତେ ସେ ଆଦୌ ଦୃଷ୍ଟି ଦେଉନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ଖବର ପାଇ ମୋହନା ବ୍ଲକ ଶିକ୍ଷାଧିକାରୀ ବିଦ୍ୟାଳୟରେ ପହଞ୍ଚି ତଦନ୍ତ କରିଛନ୍ତି। କିନ୍ତୁ ମଙ୍ଗଳ ବିଭାଗ ଅଧୀନରେ ହଷ୍ଟେଲ ଥିବାବେଳେ ଦାୟିତ୍ୱରେ ଥିବା ମୋହନା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶୁଭଦର୍ଶିନୀ ବେଉରାଙ୍କୁ ଘଟଣା ସମ୍ପର୍କରେ ପଚରା ଯିବାରେ ସେ ଘଟଣା ବିଷୟରେ ଅବଗତ ନଥିବା କହିବା ସହ କୌଣସି ପ୍ରତିକ୍ରିୟା ଦେବାକୁ ମନା କରି ଦେଇଥିଲେ। ତଦନ୍ତ ପରେ ସମ୍ପୃକ୍ତ ପିଅନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଡ଼ିଓ କହିଛନ୍ତି। ଘଟଣାକୁ ନେଇ ଗ୍ରାମରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଛି।

# ନବଯୌବନ ବେଶରେ ଦର୍ଶନ ଦେଲେ ମହାପ୍ରଭୁ

ଜି.ଉଦୟଗିରି,୨୬।୬(ସମିସ): ଶେଷ ହୋଇଛି ମହାପ୍ରଭୁଙ୍କ ଅଣସର। ସୁସ୍ଥ ହୋଇ ନବଯୌବନ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଏହି ନବଯୌବନ ବେଶରେ ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଜି.ଉଦୟଗିରି ଜଗନ୍ନାଥ ମନ୍ଦିରରେ ଭକ୍ତଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ଏଥି ପାଇଁ କମିଟି ତରଫରୁ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇଥିବା ବେଳେ ଅନୁଷ୍ଠିତ ହୋଇଛି ନେତ୍ରୋତ୍ସବ। ରଥଯାତ୍ରା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି ବୋଲି କହିଛନ୍ତି ସଭାପତି ବିନେଦ ବିହାରି ଦାଶ। ଏହା ସହିତ ପରିଚାଳନା କମିଟି ତରଫରୁ ସମ୍ପାଦକ ଅରୁଣ କୁମାର ଷଡ଼ଙ୍ଗୀ, ଉପ ସଭାପତି ମନ ରଞ୍ଜନ ପତି, କୋଷାଧ୍ୟକ୍ଷ ଅଶୋକ କୁମାର ପାତ୍ରଙ୍କ ସହିତ କାଲୁ ଚରଣ ପଣ୍ଡା, ସଞ୍ଜୟ କୁମାର ଆଚାର୍ଯ୍ୟ,ଅଚ୍ୟୁତ ପଣ୍ଡା,ଚନ୍ଦ୍ର ଶେଖର ପଣ୍ଡା ଓ ମାନସ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।



# ଫିରିଙ୍ଗିଆ ମାଉସୀ ମା' ମନ୍ଦିରର ରତ୍ନମୁଦ ଉତ୍ସବ

ଫିରିଙ୍ଗିଆ,୨୬।୬(ସମିସ): ଫିରିଙ୍ଗିଆରେ ନୂତନ ଭାବରେ ନିର୍ମାଣ କରାଯାଉଥିବା ମାଉସୀ ମା' ମନ୍ଦିରରେ ଗୁରୁବାର ପ୍ରତିଷ୍ଠା ସହ ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ମନ୍ତ୍ରୀ ତଥା ବିଜେଡି ଜିଲ୍ଲା ସଭାପତି ପଦ୍ମନାଭ ବେହେରାଙ୍କ ତତ୍ତ୍ୱାବଧାନରେ ଏବଂ ରଥଯାତ୍ରା ପରିଚାଳନା କମିଟି ଓ ଅଞ୍ଚଳବାସୀଙ୍କ ସହଯୋଗରେ ଅନୁଷ୍ଠିତ ପ୍ରତିଷ୍ଠା ଏବଂ ରତ୍ନମୁଦ ଉତ୍ସବରେ ପ୍ରଥମେ ଯଥାବିଧି ନୂଆପଡ଼ା ଗାଁ ନିକଟରେ ଥିବା ସାହାଡ଼ା ବୃକ୍ଷକୁ ପୂଜାର୍ଚ୍ଚନା ପରେ ପଟୁଆରରେ ମାଉସୀ ମନ୍ଦିରକୁ ଅଣାଯାଇଥିଲା। ମାଉସୀ ମା ମନ୍ଦିରରେ ପହଞ୍ଚି ନୂତନ ମନ୍ଦିରର ଠାକୁର ଆସନ ପ୍ରତିଷ୍ଠା ସହ ହୋମଯଜ୍ଞ କାର୍ଯ୍ୟକ୍ରମ ପରେ ଅପରାହ୍ନରେ ରତ୍ନମୁଦ କାର୍ଯ୍ୟକ୍ରମ ହୋଇଥିଲା। ବରିଷ୍ଠ ସେବାୟତ ସୀମାଞ୍ଚଳ ମହାରଣା, ରାଜ ମିସ୍ତ୍ରି, ପୁରୋହିତ ସୀମାଞ୍ଚଳ ପଣ୍ଡା, ଅଶୋକ କୁମାର ଷଡ଼ଙ୍ଗୀ ଓ ବିକାଶ କୁମାର ମିଶ୍ର ଦାୟିତ୍ୱ ତୁଲାଇ ଥିଲେ।








# ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ଅର୍ଥରାଶି ପ୍ରଦାନ

କୁକୁଡାଖଣ୍ଡି,୨୬।୬(ସମିସ): କୁକୁଡ଼ାଖଣ୍ଡି ବ୍ଲକ ନୂଆ ବାଉଲଝୋଳି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମଠାରୁ ଅଷ୍ଟମ ପର୍ଯ୍ୟନ୍ତ ପ୍ରାୟ ୧୮୫ଜଣ ଛାତ୍ରଛାତ୍ରୀ ପାଠ ପଢୁଥିବା କହିଛନ୍ତି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭବାନୀ ଶଙ୍କର ପଟ୍ଟନାୟକ। ସମସ୍ତ ଛାତ୍ରଛାତ୍ରୀଙ୍କ ନିମନ୍ତେ ଆସବାବପତ୍ର ନଥିବାରୁ ପୂର୍ବତନ ସରପଞ୍ଚ ଟି. ରଘୁ ପାତ୍ରଙ୍କ ସହଯୋଗରେ ଅବସରପ୍ରାପ୍ତଙ୍କ ଉପଖଣ୍ଡସ୍ତରୀୟ ପଶୁ ଅଧିକାରୀ ବୁଧୁବାର ଦିନ ବିଦ୍ୟାଳୟକୁ ଯାଇ ୫୦ହଜାର ଟଙ୍କା ପ୍ରଦାନ କରିଛନ୍ତି। ପ୍ରକାଶ ଥାଉ କି, ସରକାରଙ୍କ 'ପଞ୍ଚସଖା ଶିକ୍ଷାସେତୁ' ଯୋଜନାରେ ଯଦି କେହି ଅର୍ଥରାଶି ପ୍ରଦାନ କରେ ତେବେ ସେହି ସ୍କୁଲକୁ ୨ଗୁଣ ସରକାରଙ୍କ ପକ୍ଷରୁ ଅର୍ଥ ପ୍ରଦାନ କରାଯିବା ଯୋଜନା ରହିଛି ବୋଲି ପ୍ରଧାନଶିକ୍ଷକ କହିଛନ୍ତି।

# ଠିକ୍ ସମୟରେ ଦରମା ମିଳୁ ନଥିବା ସୁରକ୍ଷା କର୍ମୀଙ୍କ ଅଭିଯୋଗ

ଫୁଲବାଣୀ,୨୬।୬(ସମିସ): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ସୁରକ୍ଷାକର୍ମୀମାନଙ୍କୁ ଠିକ ସମୟରେ ଦରମା ମିଳୁ ନ ଥିବା ଅଭିଯୋଗ ହୋଇଛି। ପୂର୍ବରୁ ପ୍ରତି ମାସ ୧୦ରୁ ୧୫ ତାରିଖ ସୁଦ୍ଧା ଦରମା ମିଳୁଥିବା ବେଳେ ଏବେ କିଛିମାସ ହେଲା ମାସ ଶେଷରେ ଦରମା ଦେଉଛି ଆଉଟସୋର୍ସିଂ ସଂସ୍ଥା। ତେଣୁ ପରିବାର ଚଳାଇବାରେ ସମସ୍ୟା ହେଉଥିବା ଅଭିଯୋଗ କରିଛନ୍ତି ସୁରକ୍ଷା କର୍ମୀ। ଏଥିସହ ସମ୍ପୃକ୍ତ ଆଉଟସୋର୍ସିଂ ସଂସ୍ଥା ସେମାନଙ୍କ ଠାରୁ ୟୁନିଫର୍ମ ପାଇଁ ୭ ହଜାର ଟଙ୍କା ଲେଖାଏଁ ନେଇଥିଲେ ମଧ୍ୟ ମାତ୍ର ଗୋଟିଏ ହଳ ୟୁନିଫର୍ମ ଦେଇଥିବା ଅଭିଯୋଗ ହୋଇଛି। ୨ବର୍ଷ ହେଲା ଗୋଟିଏ ହଳ ପୋଷାକରେ ଡ୍ୟୁଟି କରୁଥିବା କହିଛନ୍ତି ସୁରକ୍ଷା କର୍ମୀ। ତେଣୁ ପ୍ରତି ମାସରେ ଠିକ ସମୟରେ ଦରମା ପ୍ରଦାନ ଏବଂ ଆବଶ୍ୟକତା ଅନୁଯାୟୀ ୟୁନିଫର୍ମ ଯୋଗାଇ ଦେବାକୁ ଜିଲା ମୁଖ୍ୟ ଚିକିତ୍ସାଳୟ ଅଧୀକ୍ଷକଙ୍କ ନିକଟରେ ଦାବି କରିଛନ୍ତି କାର୍ଯ୍ୟରତ ସୁରକ୍ଷା କର୍ମୀ।

# ୩୬ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ଜରିମାନା ଆଦାୟ

ପାରଳାଖେମୁଣ୍ଡି,୨୬।୬(ସମିସ): ସଦରମହକୁମା ପାରଳାଖେମୁଣ୍ଡିରେ ଗୁରୁବାର ସନ୍ଧ୍ୟାରେ ଜିଲ୍ଲା ଖାଦ୍ୟ ନିରାପତ୍ତା, ଯୋଗାଣ ଓ ବୈଧ ମାପ ଓ ଓଜନ ବିଭାଗ ପକ୍ଷରୁ ମିଳିତ ଭାବେ ବିଭିନ୍ନ ହୋଟେଲ, ରେଷ୍ଟୁରାଣ୍ଟ, କିରାଣା ଦୋକାନ, ଫାଷ୍ଟଫୁଡ୍, ଜଳଖିଆ ଦୋକାନ ଆଦିରେ ଚଢ଼ଉ କରାଯାଇ ୩୬ ହଜାର ୮୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏକ ହୋଟେଲରୁ ଘରୋଇ ଗ୍ୟାସ୍ ସିଲିଣ୍ଡର ଜବତ କରି ଜରିମାନା ଆଦାୟ କରାଯାଇଛି। ସେହିଭଳି ପଲିଥିନ ପ୍ରଦାନ କରୁଥିବା ବ୍ୟବସାୟ ପ୍ରତିଷ୍ଠାନଙ୍କ ଠାରୁ ମଧ୍ୟ ଜବତ କରିବା ସହ ଜରିମାନା ଆଦାୟ କରାଯାଇଛି। ଚଢ଼ଉରେ ଜିଲ୍ଲା ଖାଦ୍ୟ ନିରାପତ୍ତା ଅଧିକାରୀ ତପସ୍ୱିନୀ ବେହେରା, ଏସିଏଓ ବିଷ୍ଣୁ ଚରଣ ପରିଡା, ରୀତା ବେହେରା, ଗୋଷାଣି ବ୍ଲକ ଯୋଗାଣ ନିରୀକ୍ଷକ ଜୀବନଜ୍ୟୋତି ପାଣିଗ୍ରାହୀ ଏବଂ ବୈଧ ମାଓ ଓ ଓଜନ ବିଭାଗର ଡେପୁଟି କଣ୍ଟ୍ରୋଲର ପ୍ରମୁଖଙ୍କ ସହ ଚଢ଼ଉ କରିଥିବା ବେଳେ ଆଦର୍ଶ ଥାନା ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ।










## ଓଡ଼ିଶା ଡ୍ରାଇଭର ମହାସଂଘର ଦାବିପତ୍ର ପ୍ରଦାନ

ଫୁଲବାଣୀ,୨୬।୬(ସମିସ): ଓଡିଶା ଡ୍ରାଇଭର ମହାସଂଘ କନ୍ଧମାଳ ଜିଲ୍ଲା ଶାଖା ପକ୍ଷରୁ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବିଭିନ୍ନ ସମସ୍ୟାକୁ ନେଇ ଭିନ୍ନ ଭିନ୍ନ ଉପାୟ ମାଧ୍ୟମରେ ବାରମ୍ବାର୍ ସରକାରଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଦାବି ପୂରଣ ହୋଇନାହିଁ। ୬ ମୁଖ୍ୟ ସମସ୍ୟାର ସମାଧାନ ହୋଇପାରି ନାହିଁ। ବାଧହୋଇ ସଂଘ ପକ୍ଷରୁ ଲୋୟର୍ ପିଏମ୍‌ଜିରେ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯାଇଥିଲା। ତଥାପି ସରକାର କର୍ଣ୍ଣପାତ କରିନାହାନ୍ତି। ଆଗାମୀ ଏକ ମାସ ମଧ୍ୟରେ ଯଦି ସରକାର୍ ଦାବି ପୂରଣ ନ କରନ୍ତି, ତାହାହେଲେ ଆସନ୍ତା ଜୁଲାଇ ୮ ତାରିଖ ଠାରୁ ଷ୍ଟିଅରିଂ ଛାଡ ଆନ୍ଦୋଳନ ସହିତ ରାଜରାସ୍ତାକୁ ଓହ୍ଲାଇବାକୁ ସଂଘ ଚେତାବନୀ ଦେଇଛି। ସଭାପତି ଆଲୋକ ବେହେରା ଓ ସମ୍ପାଦକ ମିଥୁନ ଦିଗାଲଙ୍କ ନେତୃତ୍ୱରେ ଜିଲ୍ଲାପାଳ, ଏସପି ଓ ଆରଟିଓଙ୍କୁ ଏହି ଦାବିପତ୍ର ପ୍ରଦାନ କରାଯାଇଛି।

## ଓଡ଼ିଶା ରାଜସ୍ୱ ଅମଲା ସଂଘର ଦାବିପତ୍ର ପ୍ରଦାନ

ଫୁଲବାଣୀ,୨୬।୬(ସମିସ): ରାଜ୍ୟ କାର୍ଯ୍ୟକାରିଣୀ ବୈଠକର ନିଷ୍ପତ୍ତି ଅନୁସାରେ ବୁଧବାର ଓଡ଼ିଶା ରାଜସ୍ୱ ଅମଲା ସଂଘର କନ୍ଧମାଳ ଜିଲ୍ଲା ଉପଦେଷ୍ଟା ଗଣେଶ ନାୟକଙ୍କ ନେତୃତ୍ୱରେ ଦଶଦଫା ସମ୍ବଳିତ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନାଙ୍କୁ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଯଦି ରାଜ୍ୟ ସରକାର ଆଗାମୀ ୧୫ ଦିନ ମଧ୍ୟରେ ଏହି ଦାବିପୂରଣ ନ କରନ୍ତି ତାହେଲେ, ସଂଘ ଆଗାମୀ ଜୁଲାଇ ୭ ତାରିଖ ଠାରୁ ଜୁଲାଇ ୧୧ ତାରିଖ ଯାଏଁ କଳା ବ୍ୟାଜ୍ ପରିଧାନ କରିବ ଏବଂ ଜୁଲାଇ ୧୪ ତାରିଖ ଠାରୁ ସମ୍ପୂର୍ଣ୍ଣ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରାଯିବ ବୋଲି କର୍ମଚାରୀ ନେତା ବିନୋଦ କୁମାର ମହାନ୍ତି, ଆଶୀଷ ମିଶ୍ର, ନିଖିଳ ସାହା, ସୁନିତ ଦଳବେହେରା, ଗୀତାଞ୍ଜଳୀ ବେହେରା, ଓ ମମତା ବେହେରା କହିଛନ୍ତି।

# ନାରୀ ନିର୍ଯାତନା ପ୍ରତିବାଦରେ ଗର୍ଜିଲା ଯୁବ ଛାତ୍ର ବିଜେଡି

ଫୁଲବାଣୀ,୨୬।୬(ସମିସ)

ରାଜ୍ୟରେ ବଢି ଚାଲିଛି ନାରୀ ନିର୍ଯାତନା। ଗୋପାଳପୁର ଗଣଦୁଷ୍କର୍ମ, ଟିକାବାଲିରେ ନାବାଳିକାଙ୍କୁ ଗଣଦୁଷ୍କର୍ମ ପରେ ହତ୍ୟା, ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲା କେନ୍ଦୁଝରରେ ମଧ୍ୟ ଏଭଳି ଘଟଣା ଘଟିଛି। ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ଅଭିଯୋଗ କରିଛି ବିଜୁ ଯୁବ ଛାତ୍ର ଜନତା ଦଳ।




ଏହାର ପ୍ରତିବାଦରେ ଫୁଲବାଣୀ ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଛାତ୍ର ବିଜେଡି ସଭାପତି ସୁନୀଲ ସେଠୀ, ଯୁବ ବିଜେଡି ସଭାପତି ବିଷ୍ଣୁଚରଣ ମଲ୍ଲିକଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ର ଉପସଭାପତି ପ୍ରବୀଣ ବେହେରା, ବାବୁଲା ବେହେରା, ବିଷ୍ଣୁ ବେହେରା, ବ୍ଲକ୍ ସଭାପତି ସୁରଞ୍ଜିତ୍ ମଲ୍ଲିକ, ଯୁବ ସାଧାରଣ ସମ୍ପାଦକ ଦାରୁଣ ବେହେରା, କାର୍ତ୍ତିକ ସାହାଣୀଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## ଗଜପତି ଜିଲ୍ଲା ପରିଷଦ ବୈଠକ — ସ୍ୱଚ୍ଛତାର ସହ ସମସ୍ତ ଯୋଜନା କାର୍ଯ୍ୟକାରୀ ଉପରେ ଗୁରୁତ୍ୱ

ପାରଳାଖେମୁଣ୍ଡି,୨୬।୬(ସମିସ): ଗଜପତି ଜିଲ୍ଲା ପରିଷଦର ୫୩ ତମ ବୈଠକ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ସଭାପତି ଗାବାରା ତିରୁପତି ରାଓଙ୍କ ଅଧ୍ୟକ୍ଷତାରେ ଓ ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ପରିଷଦର ଉପାଧ୍ୟକ୍ଷା କୁନ୍ତଳା ମଲ୍ଲିକ, ମୋହନା ବିଧାୟକ ଦାଶରଥି ଗମାଙ୍ଗ, ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ ପାଣିଗ୍ରାହୀ, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଶଙ୍କର କେର୍କେଟା, ଅତିରିକ୍ତ ନିର୍ବାହୀ ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ



ମଞ୍ଚାସୀନ ଥିବାବେଳେ ଜିଲ୍ଲାର ସମସ୍ତ ଜିଲ୍ଲା ପରିଷଦର ସଭ୍ୟ/ ସଭ୍ୟା, ପଞ୍ଚାୟତ ସମିତି ଅଧ୍ୟକ୍ଷ/ଅଧ୍ୟକ୍ଷା, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଅଧିକାରୀ ଉପସ୍ଥିତ ଥିଲେ। ସରକାରଙ୍କ ସମସ୍ତ ଯୋଜନା ଗଜପତି ଜିଲ୍ଲାର କାର୍ଯ୍ୟକାରୀ କରିବା ସହିତ ଯେଉଁ ଲକ୍ଷ୍ୟ ରହିଛି ତାହା ସଫଳତାର ସହିତ କାର୍ଯ୍ୟକାରୀ କରାଯାଉଛି ଏବଂ ଆଗକୁ ସ୍ୱଚ୍ଛତା ଓ ସଫଳତାର ସହିତ କାର୍ଯ୍ୟକାରୀ ଜାରି ରହିବ ବୋଲି ସମସ୍ତ ଅତିଥି କହିଥିଲେ। ବୈଠକରେ ଜିଲ୍ଲାରେ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ବିଭାଗର ବିଷୟକୁ ନେଇ ଆଲୋଚନା ହୋଇଥିଲା। ବୈଠକରେ ବ୍ରହ୍ମପୁର ସାଂସଦ ପ୍ରତିନିଧି ଡି.ରାଜେଶ୍ କୁମାର, ଜିଲ୍ଲା ପଞ୍ଚାୟତ ଅଧିକାରୀ ଅଶୋକ କୁମାର ପଟ୍ଟନାୟକଙ୍କ ସମେତ ସମସ୍ତ ଗୋଷ୍ଠୀ ଉନ୍ନୟନ ଓ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ରାଜ୍ୟ ଅମଲା ସଂଘର ଆନ୍ଦୋଳନ ଡାକରା

ଛତ୍ରପୁର,୨୬।୬(ସମିସ): ଓଡ଼ିଶା ରାଜସ୍ୱ ଅମଲା ସଂଘର ନିର୍ଦ୍ଦେଶ କ୍ରମେ ଗଞ୍ଜାମ ଜିଲ୍ଲା ଶାଖା ପକ୍ଷରୁ ୧୦ ଦାବି ନେଇ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଯଦି ରାଜ୍ୟ ସରକାର ଆଗାମୀ ୧୫ ଦିନ ମଧ୍ୟରେ ଦାବି ଗୁଡିକ ପୂରଣ ନ କରନ୍ତି ତାହେଲେ, ଜୁଲାଇ ୭ରୁ ୧୧ ଯାଏ କଳା ବ୍ୟାଜ୍ ପରିଧାନ କରିବ। ଏବଂ ତା ସତ୍ତ୍ୱେ ଯଦି ରାଜ୍ୟ ସରକାର ଉପରୋକ୍ତ ଦାବି ଗୁଡିକ ପୂରଣ ନ କରନ୍ତି ତେବେ ଜୁଲାଇ ୧୪ ତାରିଖ ଠାରୁ ସମ୍ପୂର୍ଣ୍ଣ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ଚେତାବନୀ ଦେଇଛନ୍ତି। ଜିଲ୍ଲାସ୍ତରୀୟ କାର୍ଯ୍ୟରତ ରାଜସ୍ୱ ଅମଲା ମାନଙ୍କ ମୂଳ ଦରମା ଓଆରଏସ୍‌ପି-୨୦୧୭ ନିୟମ ଅନୁଯାଇ ଲେବଲ-୯କୁ ବୃଦ୍ଧି କରିବା। ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଏବଂ ଅଭିଯୋଗ ବିଭାଗର ପତ୍ର ସଂଖ୍ୟା ୮୮୯୮ ଦ୍ୱାରା ସମସ୍ତ ଜିଲ୍ଲାପାଳମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟକୁ ଆଧାର କରି ନୂତନ ପଦବି ସୃଷ୍ଟି ଓ ପଦବି ପୁନର୍ଗଠନ କରାଯାଉ, ରାଜ୍ୟରେ କାର୍ଯ୍ୟରତ ସମସ୍ତ ସରକାରୀ କର୍ମଚାରୀଙ୍କୁ ବାର୍ଷିକ ୨୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା ଲାଗୁ କରାଯାଉ, ୨୦୨୦ ମସିହାରେ ଲାଗୁ କରାଯାଇଥିବା ପୁନଃ ଥଇଥାନ ଯୋଜନାର ନିୟମାବଳୀକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯାଇ ୧୯୯୦ ମସିହାରେ ଲାଗୁ କରାଯାଇଥିବା ନିୟମାବଳୀ ଅନୁଯାଇ ମୃତ ସରକାରୀ କର୍ମଚାରୀଙ୍କ ପରିବାରର ଯେକୌଣସି ଜଣେ ସଦସ୍ୟଙ୍କୁ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ପ୍ରଦାନ କରାଯିବା ଭଳି ବିଭିନ୍ନ ଦାବି ରହିଛି।

## ଦିଗପହଣ୍ଡି ଏନ୍‌ଏସିର ସାଧାରଣ ଅଧିବେଶନ

ଦିଗପହଣ୍ଡି,୨୬।୬(ସମିସ): ଦିଗପହଣ୍ଡି ଏନଏସିର ୧୮ତମ ସାଧାରଣ ଅଧିବେଶନ ବୁଧବାର ଏନ୍‌ଏସି ସମ୍ମିଳନୀ କକ୍ଷରେ ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବୈଠକରେ ଆଗାମୀ ଦିନରେ ଟିପିଏସ୍‌ଓଡିଏଲ୍ ପକ୍ଷରୁ ପ୍ରସ୍ତାବିତ ସ୍ମାର୍ଟ୍ ମିଟର ବ୍ୟବହାରକୁ ବିରୋଧ କରାଯିବା ସହ ଆବଶ୍ୟକ ହେଲେ ଜନ ଆନ୍ଦୋଳନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ସେହିଭଳି କେନାଲ ହିଡ଼ରୁ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଉଚ୍ଛେଦ, ଅନ୍ତୋଦୟ ଯୋଜନାରେ ବଞ୍ଚିତ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ, ଦିଗପହଣ୍ଡି ବସଷ୍ଟାଣ୍ଡ ଠାରୁ ହନୁମାନ ବାଟିକା ରାସ୍ତା ପର୍ଯ୍ୟନ୍ତ ଡ୍ରେନ୍ ନିର୍ମାଣ ଏବଂ ପାନୀୟ ଜଳ ପ୍ରକଳ୍ପ ପାଇଁ ପାଇପ ବିଛାଇବା ସମୟରେ ଗୁଣ୍ଡିଚା ମନ୍ଦିର ଠାରୁ ଶ୍ମଶାନ ପର୍ଯ୍ୟନ୍ତ ରାସ୍ତା ଖୋଳା କାମର ମରାମତି କରାଯିବା ସମ୍ପର୍କରେ ଆଲୋଚନା କରାଯାଇ ବିଧିବଦ୍ଧ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଏନ୍‌ଏସି ଉପାଧ୍ୟକ୍ଷା କେ. ପୂଜା, ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ସ୍ୱରାଜ ପାଣିଗ୍ରାହୀ, ସୁଶାନ୍ତ ମହାପାତ୍ର, ବସନ୍ତ ବେହେରା, ବିଶେଶ୍ୱର ପଟ୍ଟନାୟକ, କାଉନ୍‌ସିଲର ଦୀପକ ମିଶ୍ର, ନୀଳମାଧବ ଗୌଡ଼, ସୁଶାନ୍ତ ପାତ୍ର, ସୁନୀଲ ପଣ୍ଡା, କରିଶ୍ମା ନାୟକ, ମାମିନି ବେହେରା, ଜ୍ୟୋସ୍ନା ଜେନାଙ୍କ ସମେତ ପରିଷଦର ଯନ୍ତ୍ରୀ ଓ କର୍ମଚାରୀ ଯୋଗ ଦେଇଥିଲେ।

## ଫଟୋଗ୍ରାଫର ସଂଘର ବୃକ୍ଷରୋପଣ କାର୍ଯ୍ୟକ୍ରମ

ପାତ୍ରପୁର,୨୬।୬(ସମିସ): ପାତ୍ରପୁର ବ୍ଲକ (ସୀମାନ୍ତ) ଫଟୋଗ୍ରାଫର ୱେଲ୍‌ଫେୟାର ଆସୋସିଏସନ ଚାରିଟେବୁଲ୍ ଟ୍ରଷ୍ଟର ରେଜିଷ୍ଟ୍ରେସନ୍ ସହିତ ବୃକ୍ଷରୋପଣ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ରେଜିଷ୍ଟ୍ରେସନ୍ କାର୍ଯ୍ୟକ୍ରମ ପୂର୍ବରୁ ସଂଘ ସଭାପତି ନୀଳାଞ୍ଚଳ ପଟ୍ଟନାୟକଙ୍କ ସଭାପତିତ୍ୱରେ ମହେନ୍ଦ୍ର ତନୟା ସାଂସ୍କୃତିକ ପରିଷଦ ଠାରେ ଏକ ସାଧାରଣ ବୈଠକ ହୋଇଥିଲା। ସଂଘ ସମ୍ପାଦକ ମନୋରଞ୍ଜନ



ରଣା ପୂର୍ବ ବିବରଣୀ ପାଠ କରିଥିବା ବେଳେ ଉପସଭାପତି ଅନାଦୀ ଚରଣ ପଣ୍ଡିତ, ମନୋରଞ୍ଜନ ସାହୁ, ରାଜେଶ ବେହେରା, ଯୁଗ୍ମ ସଂପାଦକ ଜି. ସନ୍‌ମୁଖା ରେଡୀ, କୋଷାଧ୍ୟକ୍ଷ ତ୍ରିପତି ସାହୁ, ଉପଦେଷ୍ଟା ପ୍ରଦୀପ ପଣ୍ଡା, ଏଲ୍. କୋରାମଣି ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଏଥିରେ ସଂଘର ପ୍ରମୁଖ ବିଷୟ ଉପରେ ଆଲୋକପାତ ହୋଇଥିବା ବେଳେ ବିଭିନ୍ନ ସୋସିଆଲ କାର୍ଯ୍ୟକ୍ରମ ଉପରେ ପରାମର୍ଶ ଦିଆଯାଇଥିଲା। ୨୦୧୯ରୁ ଆରମ୍ଭ ହୋଇଥିବା ଏହି ସଂଘ ଆଜି ରେଜିଷ୍ଟ୍ରେସନ ହୋଇଥିଲା। ସଂଘ ରେଜିଷ୍ଟ୍ରେସନ୍‌କୁ ମନେ ରଖିବା ପାଇଁ ବନବିଭାଗଙ୍କ ଉପସ୍ଥିତିରେ କାଶୀ ବିଶ୍ୱନାଥ ମନ୍ଦିର (ଦେଉଳିଆ) ଠାରେ ବୃକ୍ଷରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ସଂଘର ସମସ୍ତ କମିଟି ଓ ସଭ୍ୟଙ୍କ ସହ ବନ ବିଭାଗର ତରୁଣେଶ୍ୱର ଶବର, ରାମଚନ୍ଦ୍ର ନାୟକ, ରବିନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପି. ସୁଶାନ୍ତ, ଏ. ଆପନ୍ନା, କୁସି ଦାଶରଥି ରେଡୀ, ଶଶାଙ୍କ ନାୟକ, ଭାସ୍କର ତିଆଡ଼ି, କେ. ବାଲ୍‌ରାଜୁ, ଏସ୍‌ପି. ଗଣପତି, ଜି. ଟୁଟୁ କୁମାର, ସୁରେନ୍ଦ୍ର ଚୌଧୁରୀଙ୍କ ସହ ସଂଘର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଉମାପତି ଧନ୍ୟବାଦ ପ୍ରଦାନ କରିଥିଲେ।



